**ସଂକ୍ଷେପରେ**

## ଭିଜିଲାନ୍ସ କୋର୍ଟରେ ଅବସରପ୍ରାପ୍ତ ଆର୍‌ଆଇ ଦଣ୍ଡିତ ୨ ବର୍ଷ ଜେଲଦଣ୍ଡ, ଜରିମାନା

କଟକ,୨୮।୩ (କାର୍ତ୍ତିକ ସାହୁ)

ଯାଜପୁର ଜିଲା ବରୀ ତହସିଲ ଅନ୍ତର୍ଗତ ମନ୍ଦାରି ସର୍କଲର ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଖଗେଶ୍ୱର କବି କଟକ ସ୍ୱତନ୍ତ୍ର ଜଜ୍ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ତାଙ୍କୁ ୨ ବର୍ଷ ଜେଲଦଣ୍ଡ ସହ ୫୦୦୦ ଟଙ୍କା ଜରିମାନା ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଲାଞ୍ଚ ନେବା ଅଭିଯୋଗରେ ଖଗେଶ୍ୱର ଭିଜିଲାନ୍ସ ହାତରେ ଧରାପଡିଥିଲେ। ସେତେବେଳେ ସେ ସହକାରୀ ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଅଭିଯୁକ୍ତ ଜଣଙ୍କ ୫ଟି ମ୍ୟୁଟେଶନ ମାମଲାରେ ଭେରିଫିକେଶନ ରିପୋର୍ଟ ପ୍ରଦାନ ପାଇଁ ଲାଞ୍ଚ ଗ୍ରହଣ କରିଥିଲେ। ଓଡ଼ିଶା ଭିଜିଲାନ୍ସ ଏବେ ଅଭିଯୁକ୍ତଙ୍କ ପେନ୍‌ସନ ବନ୍ଦ କରିବା ପାଇଁ ପ୍ରାଧିକୃତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟକୁ ଯିବ ବୋଲି ସୂଚନା ଦିଆଯାଇଛି।

## ସନ୍ଦିଗ୍ଧ ଯୁବକଙ୍କୁ ଧରି ପୋଲିସ ଜିମା

ବାସୁଦେବପୁର,୨୮।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଧୀନ କିଷ୍ଣତକୃଷ୍ଣପୁର ପଞ୍ଚାୟତର ଲୁଣିସାହି ଗ୍ରାମରେ ଗୁରୁବାର ଅପରାହ୍ନରେ ଗ୍ରାମବାସୀ ଜଣେ ସନ୍ଦିଗ୍ଧ ଯୁବକଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଯୁବକ ଜଣକ ଅଣଓଡ଼ିଆ ହୋଇଥିବା ବେଳେ ତାଙ୍କ ଭାଷା ବୁଝି ହେଉ ନ ଥିଲା। ତାଙ୍କର ଗତିବିଧିକୁ ନେଇ ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରୁ ତାଙ୍କୁ କାବୁ କରି ଭ୍ରାମ୍ୟମାଣ ପୋଲିସ ସହାୟତାରେ ନାୟକାଣିଡିହୀ ଥାନାରେ ପହଞ୍ଚାଇଥିଲେ। ଯୁବକ ଜଣକ ଥାନାରେ ଅଟକ ଅଛନ୍ତି। ପିଲା ଚୋରି ଗୁଜବ ପ୍ରଚାରିତ ହେବା ପରେ ଯୁବକଙ୍କୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏନେଇ ନାୟକାଣୀଡିହି ଥାନା ଆଇଆଇସି ସଲଖାନ ମୁର୍ମୁ କହିଛନ୍ତି, ପିଲା ଚୋରି ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏହା ଏକ ଗୁଜବ ହୋଇଥାଇପାରେ। ଅଟକ ଯୁବକଙ୍କ ପରିଚୟ ପାଇବା ପାଇଁ ସେ ଉଦ୍ୟମ ଚଳାଇଛନ୍ତି। ପିଲା ଚୋରି ଅଭିଯୋଗର କୌଣସି ସତ୍ୟତା ନାହିଁ।

## କାଳିଆପାଣି ଅଞ୍ଚଳରେ ବାଡ଼ିଖେଳ

କାଳିଆପାଣି,୨୮।୩(ଅସିତ ମହାନ୍ତ):

ଦୋଳପୂର୍ଣ୍ଣିମା ଅବସରରେ କାଳିଆପାଣି ଅଞ୍ଚଳରେ ଯାଦବମାନଙ୍କ ପକ୍ଷରୁ ବାଡ଼ିଖେଳ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଖଣି ନିଗମ କଲୋନୀ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବାଲିବୋ ଗ୍ରାମର ଯାଦବ ସମ୍ପ୍ରଦାୟର ଏକଦଳ ଯୋଗଦେଇ ବାଡ଼ି ଖେଳ ପ୍ରଦର୍ଶନ କରିଥିଲେ। ପ୍ରହଲ୍ଲାଦ ନିହାଣ ଓ ସୂର୍ଯ୍ୟକାନ୍ତ ବେହେରାଙ୍କ ନେତୃତ୍ୱରେ ଏହି ଦଳ ମା' ତାରିଣୀଙ୍କ ମନ୍ଦିର ନିକଟରେ ପୂଜାର୍ଚ୍ଚନା କରିବା ପରେ ରାଧାକୃଷ୍ଣଙ୍କ ନାମନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରେ ଏହି ଦଳ ସ୍ଥାନୀୟ ବଜାର, କଲୋନୀ ପରିସର ପରିକ୍ରମା କରି ବିଭିନ୍ନ ଖେଳ ପ୍ରଦର୍ଶନ କରିଥିଲେ।



ଦୋଳପୂର୍ଣ୍ଣିମା ଅବସରରେ କାଳିଆପାଣି ଅଞ୍ଚଳରେ ଯାଦବମାନଙ୍କ ପକ୍ଷରୁ ବାଡ଼ିଖେଳ କରାଯାଉଛି।

# ରାସ୍ତା କାର୍ଯ୍ୟରେ ଅନିୟମିତତା ଅଭିଯୋଗ

କାଳିଆପାଣି,୨୮।୩(ଅସିତ ମହାନ୍ତ):

ଯାଜପୁର ଜିଲା ସୁକିନ୍ଦା ବ୍ଲକର ଖଣି ଅଞ୍ଚଳରେ ବିଭିନ୍ନ ଯୋଜନାରେ ନିର୍ମାଣାଧୀନ କଂକ୍ରିଟ ରାସ୍ତା ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏଭଳି ଏକ ଘଟଣା କାଳିଆପାଣି ପଞ୍ଚାୟତରେ ଦେଖିବାକୁ ମିଳିଛି। ଅଭିଯୋଗ ଅନୁଯାୟୀ କାଳିଆପାଣି ପଞ୍ଚାୟତର ଚିରୁଗୁଣିଆଁ ହଟିଂର ମୁଖ୍ୟ ରାସ୍ତାଠାରୁ ବସ୍ତିକୁ ଏକ କଂକ୍ରିଟ ରାସ୍ତା ସଦ୍ୟ ନିର୍ମାଣ ହୋଇଛି। ଯାହାକି, ସମ୍ପୂର୍ଣ୍ଣ ଭାବେ ନିମ୍ନମାନର ନିର୍ମାଣ କରାଯାଇଛି। ସ୍ୱଳ୍ପ ପରିମାଣର ସିମେଣ୍ଟ ଭାଗମାପରେ ରାସ୍ତା ହୋଇଥିବାରୁ ତାହା ଧୂଳି ହୋଇ ଉଡ଼ିଯାଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। କଂକ୍ରିଟ ଉପରେ ପାଣି ପକାଇବାକୁ ନେଇ ଅବହେଳା କରାଯାଇଥିବରୁ ତା'ର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ବି କାର୍ଯ୍ୟର ନାମ ଫଳକ ଏପର୍ଯ୍ୟନ୍ତ ଲେଖା ହୋଇନାହିଁ। ୨୦ ଏମ୍‌ଏମ୍ ସାଇଜରେ କଂକ୍ରିଟ ପାଇଁ ଏଷ୍ଟିମେଟ ହୋଇଥିବାବେଳେ ୪୦ ଏମ୍‌ଏମ୍ ସାଇଜ ମେଟାଲରେ କଂକ୍ରିଟ କରାଯାଇଛି। ସାଧାରଣତଃ ୪ ଇଞ୍ଚ ବାଲି, ୪ ଇଞ୍ଚ ମେଟାଲ, ୬ ଇଞ୍ଚ ଚିପ୍ସ ମାପରେ କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ସୁକିନ୍ଦା ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଏହି କାର୍ଯ୍ୟାଦେଶ ରହିଥିବାବେଳେ କାଳିଆପାଣି ସରପଞ୍ଚ ଓ ପିଇଓ କାର୍ଯ୍ୟସ୍ଥଳରେ ଠିଆହୋଇ କାମ କରାଉଥିବା ଜଣାପଡ଼ିଛି। ସରକାରୀ ନିର୍ଦ୍ଧାରିତ ମାପ ଅନୁଯାୟୀ ରାସ୍ତା ନିର୍ମାଣ ନ କରି ରାସ୍ତାର ଉଭୟ ପାର୍ଶ୍ୱରେ କଂକ୍ରିଟ ୱାଲ କରି ମଝିରେ ବାଲି ୬ ଇଞ୍ଚ ଭର୍ତ୍ତି କରି ରାସ୍ତା ନିର୍ମାଣ କରାଯାଇଛି। ୪୦ ସାଇଜ୍ ମେଟାଲରେ ମେଟାଲିଂ କରି ଉପରେ ୧ରୁ ୩ ଇଞ୍ଚ ଚିପ୍ସରେ କଂକ୍ରିଟ କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେଣୁ ଏହି ଅନିୟମିତତାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କନିଷ୍ଠ ଯନ୍ତ୍ରୀ ଲିଙ୍ଗରାଜ ବେହେରାଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କଲ ଗ୍ରହଣ କରି ନ ଥିଲେ।



ରାସ୍ତା ନିର୍ମାଣସ୍ଥଳରେ ଫଳକ ଲେଖାଯାଇନାହିଁ।

# ହୋଲିରେ ଗଣ୍ଡଗୋଳ, ୩ ଗିରଫ



ଗିରଫ ହୋଇଥିବା ୩ ଅଭିଯୁକ୍ତ।

ପାଣିକୋଇଲି,୨୮।୩(ବିକାଶ ମଲ୍ଲିକ):

ହୋଲିରେ ରଙ୍ଗଖେଳକୁ ନେଇ ପରସ୍ପର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏନେଇ ଉଭୟ ପକ୍ଷ ଅଭିଯୋଗ କରିବା ପରେ ପାଣିକୋଇଲି ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦୀପକ ମଲିକ, ରମେଶ ମଲିକ ଓ ସୁରେଶ ମଲିକ।

ଅଭିଯୋଗ ମୁତାବକ, ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ବଣିଆଗାଡ଼ିଆ (ଖଜିରପୁର) ଗ୍ରାମର ରମେଶ ମଲିକ ଓ ତାଙ୍କ ଭାଇ ସୁରେନ୍ଦ୍ରଙ୍କ ସହିତ ସେହି ଗ୍ରାମର ଦୀପକ ମଲିକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଦୀପକଙ୍କ ସାଙ୍ଗ ହାଟସାହି ଗ୍ରାମର ଅଚ୍ୟୁତାନନ୍ଦ ମଲିକ ଓ ରାଜା ମଲିକ ଉକ୍ତ ଗ୍ରାମକୁ ହୋଲି ଖେଳିବାକୁ ଆସିଥିବାବେଳେ ଖଜିରିପୁର ଗ୍ରାମର ପବିତ୍ର ମଲିକ ଅଚ୍ୟୁତଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ ଓ ତାଙ୍କ ନିକଟରେ ଥିବା ୫ ହଜାର ଟଙ୍କାକୁ ଛଡ଼ାଇ ନେଇଥିଲେ। ଏଥିସହ ନିଶାକ୍ତ ଅବସ୍ଥାରେ ଥିବା ରାଜା ଉକ୍ତ ଗ୍ରାମର ପବିତ୍ର ମଲିକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ପବିତ୍ରଙ୍କ ମାମୁ ରାଜାଙ୍କୁ ଅଟକାଇବା ସହିତ ଏକ ଚାପୁଡ଼ା ମାରିଥିଲେ। ଏହାକୁ ନେଇ ଦୀପକଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ମଲିକ, ସୁରେଶ ମଲିକ, କିଶୋର ମଲିକ ଏବଂ ପବିତ୍ର ମଲିକ ସଂଘବଦ୍ଧ ହୋଇ ସୁରେଶଙ୍କୁ ଠେଙ୍ଗାରେ ପିଟିଥିଲେ। ଗଣ୍ଡଗୋଳ ଦେଖି ସୁରେଶଙ୍କ ଭାଇ ରମେଶ ଭାଇଙ୍କୁ ବଞ୍ଚାଇବାକୁ ଚାଲି ଆସିବାରୁ ସେମାନେ ରମେଶଙ୍କୁ ମଧ୍ୟ ଠେଙ୍ଗାରେ ଆକ୍ରମଣ କରି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ଅପରପକ୍ଷେ ରମେଶଙ୍କ ସ୍ତ୍ରୀ ଧାରାଙ୍କ ଅଭିଯୋଗ ଅନୁସାରେ ଦୀପକ ଓ ତାଙ୍କ ସାଥିମାନେ ତାଙ୍କ ସ୍ୱାମୀ ରମେଶ ଓ ଦିଅର ସୁରେଶଙ୍କୁ ଠେଙ୍ଗାରେ ମାଡ଼ମାରି ମୁଣ୍ଡ ଫଟାଇଦେବା ସହିତ ତାଙ୍କୁ ମଧ୍ୟ ଟଣା ଘୋଷରା କରିଥିଲେ। ପୋଲିସ ଉକ୍ତ ଅଭିଯୋଗ ଗ୍ରହଣ କରି ଦୁଇଟି ମାମଲା ରୁଜୁ କରିବା ସହିତ ଉକ୍ତ ଘଟଣାରେ ଜଡ଼ିତ ଦୀପକ, ରମେଶ ଓ ସୁରେଶଙ୍କୁ ଗିରଫ କରିଥିଲା।

# ଓଡ଼ିଆ ସାହିତ୍ୟରେ ରାଧାକୃଷ୍ଣଙ୍କ ଅପ୍ରାକୃତ ପ୍ରେମ ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଭାଗନେଇଥିବା ଅତିଥିମାନେ।

ଚଣ୍ଡିଖୋଲ,୨୮।୩ (ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଧାନମଣ୍ଡଳସ୍ଥିତ ଉଦୀୟମାନ ପାଠାଗାର ପକ୍ଷରୁ ବସନ୍ତ ଆଗମନରେ ହୋଲି କବିତା ଆସର ଓ ଓଡ଼ିଆ ସାହିତ୍ୟରେ ରାଧାକୃଷ୍ଣଙ୍କ ଅପ୍ରାକୃତ ପ୍ରେମ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ସାହିତ୍ୟ ସମାଜର ସଭାପତି କାହ୍ନୁଚରଣ ଦାଶ, ମୁଖ୍ୟବକ୍ତା ବରିଷ୍ଠ ସ୍ତମ୍ଭକାର ଜଟିନ୍ଦ୍ର ରାଉତ, ସମ୍ମାନିତ ବକ୍ତା ଗାୟକ ଗୁଣସାଗର ଗୟାଧର ମହାପାତ୍ର, ସମ୍ମାନିତ ଅତିଥି ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ଭଞ୍ଜ ସାହିତ୍ୟରେ ରାଧାକୃଷ୍ଣଙ୍କ ଲୀଳାଖେଳ ରଚନା ତଥା ବର୍ତ୍ତମାନ ସମୟରେ କିଭଳି ଆମ ସଂସ୍କୃତି ବିଲୁପ୍ତ ହେବାକୁ ବସିଲାଣି ସେ ସମ୍ବନ୍ଧରେ ମତଦେଇ କ୍ଷୋଭ ପ୍ରକାଶ କରିଥିଲେ। ପରେ କବି ନଟବର ପ୍ରଧାନ, କବି ରୁଦ୍ର ନାରାୟଣ ସାମଲ, କବୟିତ୍ରୀ ଶ୍ରୀମତୀ ରାଉତ ଓ ଡ. ଦିଲୀପ କୁମାର ନାୟକଙ୍କ କବିତା ସମସ୍ତ ଶ୍ରୋତା ମଣ୍ଡଳୀଙ୍କୁ ପୁଲକିତ କରିଥିଲା। ପ୍ରଫେସର ଉମେଶ ଚନ୍ଦ୍ର ରାଉତ, ଜାନକୀ ନାଥ ପ୍ରଧାନ, ଅଧ୍ୟାପକ ବିଜୟ କେତନ ସାମଲ, ସଲିଳ ରାଜନନ୍ଦନ ମହାନ୍ତି, ନିଶିକନ୍ତ ଦାସ, ବରିଷ୍ଠ ନାଗରିକ ଗଣେଶ୍ୱର ଦାସ, ନିର୍ମଳ ରାଏ ଓ ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ପ୍ରାକ୍ତନ ଶିକ୍ଷା ନିରୀକ୍ଷକ ରାମଚନ୍ଦ୍ର ଶୁକ୍ଳ ସଭାପତିତ୍ୱ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ କବି ଅନିଲ କୁମାର ଦାସ। କବି ସୁଦର୍ଶନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରତାପ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅଭିରାମ ସ୍ୱାଇଁ ଏବଂ ଅନିଲ କୁମାର ପାତ୍ର କବିତା ସଞ୍ଚାଳନ କରିଥିଲେ। ଆଇନଜୀବୀ ଦେବରାଜ ବେହେରା ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଧକ୍କା ଦେଲା ହାଇୱା: ଡ୍ରାଇଭର ମୃତ

ଭଦ୍ରକ,୨୮।୩(ସନାତନ ରାଉତ)

୧୬ନଂ. ଜାତୀୟ ରାଜପଥର ଭଦ୍ରକ ଦମକଳ କେନ୍ଦ୍ର ନିକଟରେ ଏକ ମାଲ୍ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଡିଭାଇଡର ଉପରେ ରହିଥିଲା। ଗୁରୁବାର ଅନ୍‌ଲୋଡ୍ କରାଯାଉଥିବା ବେଳେ ଏକ ହାଇୱା ଆସି ଗାଡ଼ିକୁ ଧକ୍କା ଦେବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ଦୁଇଦିନ ପୂର୍ବରୁ ତାମିଲନାଡୁରୁ ଆସୁଥିବା ଏକ ୧୪ ଚକିଆ ଟ୍ରକ୍ ଭାରସାମ୍ୟ ହରାଇ ରାଜପଥ ମଝିରେ ଥିବା ଡିଭାଇଡର ଉପରେ ଚଢ଼ିଯାଇଥିଲା। ଦୁଇଦିନ ଧରି ସେହି ଅବସ୍ଥାରେ ଟ୍ରକ୍‌ଟି ଥିବା ବେଳେ ଗୁରୁବାର ସକାଳେ ଶ୍ରମିକମାନେ ଗାଡ଼ିରେ ଥିବା ଆଜବେଷ୍ଟସ୍ ଅନଲୋଡ୍ କରୁଥିଲେ। ଏହି ସମୟରେ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଆସୁଥିବା ଏକ ହାଇୱା ଟ୍ରକ୍‌କୁ ଧକ୍କା ଦେଇଥିଲା। ଏଥିରେ ଟ୍ରକ୍‌ଟି ଭାଙ୍ଗି ଯାଇଥିବା ବେଳେ ଗାଡ଼ିରେ ଥିବା ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ହାଇୱେ ପାଟ୍ରୋଲିଂ ପୋଲିସ ଓ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଦୁଇଦିନ ଧରି ଗାଡ଼ିଟି ଡିଭାଇଡର ମଝିରେ ରହିଥିବା ବେଳେ ସେଠାରେ କୌଣସି ପୋଲିସ ମୁତୟନ କରାଯାଇ ନ ଥିଲା। ପୋଲିସ ମୁତୟନ ରହି ସେଠାରେ ଯାନବାହନ ଚଳାଚଳ ନିୟନ୍ତ୍ରଣ କରିଥିଲେ ଏପରି ଦୁର୍ଘଟଣା ଘଟି ନ ଥାନ୍ତା।

# ଧାନମଣ୍ଡଳ ରାଜଦୋଳ ମେଳଣ ଉଦ୍‌ଯାପିତ



ରାଜଦୋଳ ମେଳଣରେ ସାମିଲ ହୋଇଥିବା ବିମାନ।

ବଡ଼ଚଣା,୨୮।୩(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳସ୍ଥିତ ହୁଣ୍ଡା ତୋଟା ରାଜଦୋଳ ମେଳଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୬୫ବର୍ଷ ଧରି ଚାଲିଆସିଥିବା ଏହି ମେଳଣରେ ଛୋଟବଡ଼ ୧୦ ବିମାନ ଯୋଗ ଦେଇଥିଲେ। ବାଜା, ବାଣ, ରୋଷଣୀ, ସଂକୀର୍ତ୍ତନ, ପରାମ୍ପରିକ ଘୋଡ଼ାନାଚ, ଷଣ୍ଢ ନାଚ, ବାଡ଼ିଖେଳ ଓ କଉଡ଼ିଖେଳ ସହିତ ବିମାନଗୁଡ଼ିକ ଶୋଭାଯାତ୍ରାରେ ଆସି ଦୋଳ ମଣ୍ଡପଠାରେ ଏକତ୍ରିତ ହୋଇଥିଲେ। ପ୍ରଥମେ ସୁଙ୍ଗୁଡ଼ା ଲଛମନ ଜୀଉ ଥାନପତି ବିମାନ ବସିଲାପରେ ଅନ୍ୟ ବିମାନଗୁଡ଼ିକ ବସିଥିଲେ। ମେଳଣ କମିଟି ତରଫରୁ ବିମାନରେ ଉପବିଷ୍ଟ ରାଧାକୃଷ୍ଣ ମୂର୍ତ୍ତିଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ମେଳଣ କମିଟି ସଭାପତି ଅକ୍ଷୟ କୁମାର ଦାସ, ବଡ଼ଚଣା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାଶ ଚନ୍ଦ୍ର ନନ୍ଦ, ଧାନମଣ୍ଡଳ ସରପଞ୍ଚ ନବଦୀପ ନାୟକ, ସୁରେଶ ନାୟକ, ପ୍ରଭାତ ରାଉତ, ଆନନ୍ଦ ଜେନା ଓ ହୃଷୀକେଶ ପଲେଇ ପ୍ରମୁଖ ଯୋଗଦେଇ ବିମାନଗୁଡ଼ିକୁ ବିଦାକୀ ପ୍ରଦାନ କରିଥିଲେ।

# ୩୦ରେ ଜାରକା ମେଳଣ

ଧର୍ମଶାଳା,୨୮।୩(ବଟକୃଷ୍ଣ ପରିଡ଼ା):

ଜାରକା ମେଳଣ ଆସନ୍ତା ୩୦ତାରିଖ ରାତି୧୦ରୁ ଆରମ୍ଭ ହୋଇ ୩୧ ତାରିଖ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ଚାଲିବ। ଏନେଇ ମେଳଣ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତ ଥର ୧୬ ବଡ଼ ବିମାନକୁ ନିମନ୍ତ୍ରଣ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ବିମାନ ଶୋଭାଯାତ୍ରାରେ ଘଣ୍ଟ, କୀର୍ତ୍ତନ, ଘୋଡ଼ାନାଚ, ବାଜା,ବାଣ ଆଦି ବ୍ୟବହାର କରିବାକୁ ଅନୁରୋଧ କରାଯିବା ସହ ଅଶ୍ଳୀଳ ନୃତ୍ୟସଂଗୀତକୁ ବାରଣ କରାଯାଇଛି। କମିଟି ସଭାପତି ଅଜାମ୍ବର ସାହୁଙ୍କ ସଭାପତିତ୍ୱରେ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ଉପସଭାପତି ଅଜୟ ମହାପାତ୍ର, କୋଷାଧ୍ୟକ୍ଷ ନିର୍ମଳ ଚନ୍ଦ୍ର ପ୍ରଧାନ, ସହସମ୍ପାଦକ ମନୋଜ ଦାସ, ଯୁଗ୍ମସମ୍ପାଦକ ରବିନାରାୟଣ ସାହୁ, ସଦସ୍ୟ କିଶୋର ନାୟକ, ଅନିରୁଦ୍ଧ ରାଉତ, ରାମଚନ୍ଦ୍ର ମଲିକ, ସତ୍ୟପ୍ରିୟ ମହାନ୍ତି, ପ୍ରଫୁଲ୍ଲ ସାହାଣୀ, ଜୟ ପ୍ରକାଶ ତ୍ରିପାଠୀ, ଅମୂଲ୍ୟ ମହାରଣା, ବ୍ରଜକିଶୋର ମହାନ୍ତି, ଅଶୋକ ସାହୁ, ନକୁଳ ସାହୁ, ଅଶୋକ ବରାଳ, କାବୁଲି ରାଉତ, ପ୍ରତାପ ପ୍ରଧାନ, ମାନସ ମହାନ୍ତି, ସୁଦାମ ବେହେରା ଓ ସବ୍ୟସାଚୀ ସୁନ୍ଦରରାୟ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଜନସମାବେଶକୁ ଆଖିରଆଗରେ ରଖି ପୋଲିସ ସହାୟତା ନିଆଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

# ବିପଦସଙ୍କୁଳ ଅବସ୍ଥାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗେଟ୍

କାଏମା,୨୮।୩(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଫାଟକରେ ଲାଗିଥିବା ଲୁହାଗେଟ୍‌ଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଗେଟ୍‌ର ଗୋଟିଏ ପାର୍ଶ୍ୱ ଭାଙ୍ଗି ଝୁଲି ରହିଛି। ବହୁଦିନ ହେବ ଗେଟ୍



ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗେଟ୍‌ର ଗୋଟିଏ ପାର୍ଶ୍ୱ ଭାଙ୍ଗି ଝୁଲି ରହିଛି।

**ଭାଙ୍ଗି ଝୁଲି ରହିଛି**

ଅବସ୍ଥା ଏପରି ହୋଇଥିବା କେତେଜଣ ସ୍ଥାନୀୟ ଦୋକାନୀ ଓ ଗାଡ଼ି ଚାଳକ କହିଛନ୍ତି। ତେବେ କେତେବେଳେ ଏହା ଭାଙ୍ଗି କାହା ଉପରେ ପଡ଼ିବ ତାହା କହି ହେବନାହିଁ। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ରୋଗୀ ଆସୁଛନ୍ତି। ସେହିପରି ଏହା ୧୬ ନମ୍ବର ଜାତୀୟ ରାଜପଥଠାରୁ ଅଳ୍ପ ଦୂରରେ ଥିବାରୁ ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ଭିଡ଼ ଜମୁଛି। ଏସବୁକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯାଇଛି। ହେଲେ ଗେଟ୍ ଅବସ୍ଥା ଏପରି ହୋଇଥିବାରୁ ଜନଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏହାକୁ ଶୀଘ୍ର ମରାମତି କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମାନସ ରଞ୍ଜନ ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ଗେଟ୍‌କୁ ଆଗରୁ ମରାମତି କରାଯାଇଥିଲା। ତାହା ପୁଣି ଭାଙ୍ଗିଯାଇଛି। ଖୁବ୍‌ଶୀଘ୍ର ଏହାର ମରାମତି କରାଯିବ।

# ବାଲିଚନ୍ଦ୍ରପୁର ଜଗନ୍ନାଥ ହାଟ ମେଳଣ ଉଦ୍‌ଯାପିତ



ବାଲିଚନ୍ଦ୍ରପୁର ଜଗନ୍ନାଥ ହାଟ ମେଳଣରେ ସାମିଲ ହୋଇଥିବା ଦୋଳ ବିମାନ।

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨୮।୩ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜ ପ୍ରସାଦ ସାହୁ):

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥିତ ହାଟରେ ବହୁ ପୁରୁଣା ଜଗନ୍ନାଥ ହାଟ ମେଳଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ମେଳଣ ପଡ଼ିଆକୁ ପ୍ରଥମେ ବାଲିଚନ୍ଦ୍ରପୁର ଗ୍ରାମର ଥାନପତି ବିମାନ ପ୍ରବେଶ କରିବା ପରେ ଅନ୍ୟ ବିମାନ ପ୍ରବେଶ କରିଥିଲେ। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ବିମାନ ମଧ୍ୟରେ ବେଶ ଶୋଭାପାଉଥିଲା। ଅଶିଳା, ରୁକୁଟିପାଟ, ମାଣିତିରି, ଆମସୌରୀ, ପତରାଜପୁର ଓ ନାନପୁର ପାଟଣା ଆଦି ବିଭିନ୍ନ ସ୍ଥାନରୁ ୨୦ ବିମାନ ଯୋଗ ଦେଇଥିଲେ। ପୁରୀ ଶ୍ରୀକ୍ଷେତ୍ରରୁ ଆସିଥିବା ଭାଗୀରଥି ପୂଜାପଣ୍ଡା, ମହାଦେବ ପୂଜାପଣ୍ଡା ଓ ନରସିଂହ ପୂଜାପଣ୍ଡା ପ୍ରତି ବିମାନରେ ପୂଜା କରିଥିଲେ। ମେଳଣ କମିଟି ଅଧକ୍ଷ ପ୍ରତାପ ଚନ୍ଦ୍ର ପରିଡ଼ାଙ୍କ ଅଧକ୍ଷତାରେ ସମସ୍ତ ପୂଜାପଣ୍ଡା ଓ ଠାକୁର ବାଡ଼ିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲିଚନ୍ଦ୍ରପୁର ଗ୍ରାମବାସୀ ମେଳଣ ପରିଚାଳନାରେ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ଭକ୍ତ ମେଳଣରେ ସାମିଲ ହୋଇଥିଲେ।

**କାଉଡ଼ିଆ ନଦୀ ଶଯ୍ୟାରେ ହେନ୍ତାଳ ଚାରା ରୋପଣ**

ପାରାଦୀପ, (ଶରତ ରାଉତ): ପାରାଦୀପ ଅଠରବାଙ୍କିଠାରୁ ମହାନଦୀ ମୁହାଣ ପର୍ଯ୍ୟନ୍ତ ଥିବା କାଉଡ଼ିଆ ନଦୀଶଯ୍ୟାରେ ଗୁରୁବାର ଅଠରବାଙ୍କି ନୀଳଚକ୍ର ଯୁଥ କ୍ଲବ ପକ୍ଷରୁ ହେନ୍ତାଳ ଚାରା ରୋପଣ କରାଯାଇଛି। ଏଥିରେ ପରିବେଶବିତ୍ ଅମରେଶ ନରେଶ ସାମନ୍ତ, ପୌର ଉପାଧ୍ୟକ୍ଷା ଛବିଲତା ରାଉତ, ବିଶ୍ୱଭୂଷଣ ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏକଦା ଉପକୂଳ ବେଳାଭୂମିରେ ବ୍ୟାପକ ହେନ୍ତାଳବଣ ଥିଲା। ଏହା ପରିବେଶ ପାଇଁ ସମ୍ପୂର୍ଣ୍ଣ ଉପଯୋଗୀ। ଏବେ ବିଲୁପ୍ତ ହେଲାଣି। ଏଭଳି ହେନ୍ତାଳ ଚାରା ରୋପଣ ପ୍ରକୃତ ପରିବେଶ ସୃଷ୍ଟି କରେ ବୋଲି ଅତିଥି ସାମନ୍ତ କହିଥିଲେ। କ୍ଲବ ସଭାପତି ଦେବ ମଣ୍ଡଳ ଓ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଲୁହାରଡ୍ ଚୋରି ଅଭିଯୋଗ: ୨ ଗିରଫ

କୁଜଙ୍ଗ,୨୮।୩ (ମନୋଜ ପ୍ରଧାନ)

ତୈଳ ବିଶୋଧନାଗାର ପ୍ରକଳ୍ପ ଅଞ୍ଚଳରୁ ଲୁହା ରଡ ଚୋରି କରି ଆଣୁଥିବା ସମୟରେ ୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡା ଜିଲା ପାଟକୁରା ଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମର ବିଭୂତି ମଲ୍ଲିକ ଓ ଅନ୍ୟ ଜଣେ ହେଲେ ବାଲେଶ୍ୱର ଜିଲା ରେମୁଣା ଥାନା ଅନ୍ତର୍ଗତ ରବୀନ୍ଦ୍ର ମାଝି । ଉଭୟଙ୍କୁ ଥାନା ପକ୍ଷରୁ ଏରସମା ପ୍ରଥମଶ୍ରେଣୀ ବିଚାରବିଭାଗୀୟ ଅଦାଲତରେ ହାଜର କରାଯାଇଥିଲା । ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ରାଜକିଶୋର ବେହେରା କହିଛନ୍ତି। ପ୍ରକାଶ ଯେ ବୁଧବାର ଅପରାହ୍ନ ୫ଟାରେ ତୈଳ ବିଶୋଧନାଗାର ପ୍ରକଳ୍ପର ୪ ନମ୍ବର ଫାଟକ ଦେଇ ବିଭୂତି ଓ ରବୀନ୍ଦ୍ର କପ୍‌ସି ଲୁହାରଡ୍ ନେଇ ଏକ ବାଇକ୍ ଯୋଗେ ଖସି ପଳାଉଥିଲେ। ଏହି ସମୟରେ ଅଭୟଚାନ୍ଦପୁର ଥାନା ପକ୍ଷରୁ ପାଟ୍ରୋଲିଂ ଚାଲୁଥିଲା। ଉଭୟ ଅଭିଯୁକ୍ତ ପୋଲିସ ନଜରକୁ ଆସିବା ପରେ ସେମାନଙ୍କୁ ଏଲ୍ ଆଣ୍ଡ ଟି କଲୋନି ନିକଟରୁ କାବୁ କରାଯାଇଥିଲା। ଏହାପରେ ସେମାନଙ୍କଠାରୁ ୭୫ କିଲୋ ଲୁହାରଡ ଏବଂ ମୋଟରସାଇକେଲ ଜବତ କରାଯାଇଛି। ଏ ନେଇ ସବ୍‌ଇନ୍ସପେକ୍ଟର ଚିନ୍ମୟ ପାଣିଙ୍କ ଲିଖିତ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ. ୮୬/୨୪) ରୁଜୁ କରାଯାଇଛି।

### ଦାଦାବଟି ଆଦାୟ ଅଭିଯୋଗରେ ଜଣେ ଗିରଫ



କୁଜଙ୍ଗ, ୨୮।୩ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ପନାଡିହା ଗ୍ରାମର ଜୟଦେବ ମିଶ୍ର ବାଲିଟୁଠ ବଜାରରେ ଏକ ଦୋକାନ କରି ବ୍ୟବସାୟ କରୁଥିଲେ। ବାଲିଟୁଠ ଗ୍ରାମର ସମୀର ନାୟକ ବୁଧବାର ଜୟଦେବଙ୍କ ଦୋକାନରେ ପହଞ୍ଚି ଦାଦାବଟି ମାଗିଥିଲେ। ଜୟଦେବ ଟଙ୍କା ଦେବାକୁ ମନା କରିବାରୁ ସମୀର ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ମାଡ଼ ମାରିବା ସାଙ୍ଗକୁ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଥିଲେ। ଏ ନେଇ ଜୟଦେବ ଥାନରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ସମୀରଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଏକ ବାଇକ୍ ଓ ଏକ ମୋବାଇଲ ଜବତ କରିଥିଲା। ଏ ନେଇ ପୋଲିସ ନଂ. ୧୪୧/୨୪ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସମୀର ଅନ୍ୟ ଏକ ଅପରାଧରେ ଗିରଫ ହୋଇ ଜେଲ ଯାଇଥିବା ବେଳେ ଜାନୁଆରୀ ୧ ତାରିଖରେ ଜାମିନରେ ମୁକୁଳି ଥିଲେ। ୧୧୦ ଦଫାରେ ରୁଜୁ ମକଦ୍ଦମାରେ ସେ ୩ବର୍ଷ ପର୍ଯ୍ୟନ୍ତ କୌଣସି ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା ଉଲ୍ଲଂଘନ କରି ପୁଣି ଅପରାଧ ଘଟାଇଥିବାରୁ ତାଙ୍କୁ ଗିରଫ କରାଯାଇଛି ବୋଲି ଆଇଆଇସି ରଶ୍ମିରଞ୍ଜନ ଦାଶଙ୍କଠାରୁ ପ୍ରକାଶ।

# ନାଟକ ଉପଯୋଗୀ ପ୍ରେକ୍ଷାଳୟ ନାହିଁ, ବଢୁଛି ଅସନ୍ତୋଷ

ଜଗତ୍‌ସିଂହପୁର, ୨୮।୩
(ପ୍ରମୋଦ କୁମାର ନାୟକ)




ବିଶ୍ୱ ନାଟ୍ୟ ଦିବସ ଅବସରରେ ଅନୁଷ୍ଠିତ ନାଟକ 'ଶପଥ'ର ଏକ ଦୃଶ୍ୟ।

**ଜଗତ୍‌ସିଂହପୁର ଜିଲା**
- ବିଶ୍ୱ ନାଟ୍ୟ ଦିବସରେ ନାଟକ 'ଶପଥ' ମଞ୍ଚସ୍ଥ
- କଳାକୁ ବଞ୍ଚାଇବା ପାଇଁ ନିଆରା ଅଭିନୟ

କଳା, ସାହିତ୍ୟ, ସଂସ୍କୃତି ଆଦି କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲା ରାଜ୍ୟରେ ଆଗୁଆ। ଏ ଜିଲାର କଳାକାରମାନେ କେବଳ ରାଜ୍ୟ ନୁହେଁ, ଦେଶରେ ମଧ୍ୟ ସୁନାମ ଆଣି ପାରିଛନ୍ତି। କିନ୍ତୁ ଜିଲା ବିଶେଷକରି ଜିଲା ମୁଖ୍ୟାଳୟରେ ନାଟକ ଉପଯୋଗୀ ଏକ ପ୍ରେକ୍ଷାଳୟ ନ ଥିବା ଅସନ୍ତୋଷର କାରଣ ହୋଇଛି। ଏହାର ପ୍ରତିଫଳନ ବିଶ୍ୱ ନାଟ୍ୟ ଦିବସରେ ଦେଖିବାକୁ ମିଳିଥିଲା। ଜିଲା ପ୍ରଶାସନ ପକ୍ଷରୁ ଏହି ଦିବସ ପାଳନ କରା ନ ଯିବା ଅସନ୍ତୋଷକୁ ବହୁଗୁଣିତ କରିଦେଇଛି। ସୌଭାଗ୍ୟ ସ୍ଥାନୀୟ ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନ ଓ ସୋସିଓ କଲଚରାଲ ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ ତରଫରୁ ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ପ୍ରତିଷ୍ଠାନର କଳାକାରମାନଙ୍କ ଦ୍ୱାରା ନାଟକ ଶପଥ ଅନୁଷ୍ଠାନ ପରିସରରେ ମଞ୍ଚସ୍ଥ ହୋଇଯାଇଛି। ତେବେ ନାଟକର ବିଷୟବସ୍ତୁ ଲୋକଙ୍କୁ ନିଆରା ବାର୍ତ୍ତା ଦେଇଥିବା ଦେଖିବାକୁ ମିଳିଥିଲା। କଳାକାରମାନେ ମୁଖା ପିନ୍ଧି ସୁନ୍ଦର ଅଭିନୟ କରିଥିଲେ। ସେମାନେ କହିଥିଲେ ଆମେ ମଞ୍ଚ କଳାକାର।

ମଞ୍ଚରେ ବଞ୍ଚୁଛୁ, ଆଉ ମଞ୍ଚରେ ମରିବୁ। ଆମର ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ମଞ୍ଚ ନାଟକ ବଞ୍ଚେଇବାର ପ୍ରଚେଷ୍ଟା ଜାରି ରଖିବୁ। କଳାକାରମାନଙ୍କ ଏହି ଶପଥ ଉପସ୍ଥିତ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ବିଶେଷକରି କଳାକାରମାନଙ୍କ କଳା ପ୍ରତି ଆତ୍ମୀୟତା, ଉତ୍ତରଦାୟିତ୍ୱ ଓ ଏହାକୁ ବଞ୍ଚାଇ ରଖିବା ପାଇଁ ପ୍ରଚେଷ୍ଟା ବାସ୍ତବଧର୍ମୀ ହୋଇଥିଲା। ନାଟ୍ୟକାର କୈଳାସ ମଲ୍ଲିକଙ୍କ ରଚନାରେ ଆୟୋଜିତ ଏହି ନାଟକରେ ଅନୁଷ୍ଠାନ ସମ୍ପାଦକ ଅଜୟ କୁମାର ଗୋଚ୍ଛାୟତ ନିର୍ଦ୍ଦେଶନା ଦେଇଥିଲେ। ଅଭିନୟ କରିଥିଲେ ଅମ୍ବିକା, ରିତୁ, ରାନୀ, ସିମ୍ରନ, ବର୍ଷା, ନନ୍ଦିନୀ, ସାଇଶ୍ରଦ୍ଧା, ବିଶ୍ୱ ଓ ରାମ। ସହଯୋଗ କରିଥିଲେ ଲିଲିପ୍ସ ଖୁଣ୍ଟିଆ, ଦୁର୍ଗାପ୍ରସାଦ ସ୍ୱାଇଁ, ଦିଲୀପ ଗୋଚ୍ଛାୟତ, ଶ୍ରାବଣୀ ମହାରଣା, ନିଖିଳ ରଞ୍ଜନ ନାୟକ, ଦୀପକ ଓ ପପୁ। ନାଟକ ମଞ୍ଚସ୍ଥପରେ ଅନୁଷ୍ଠାନ ସମ୍ପାଦକ ଗୋଚ୍ଛାୟତ କହିଥିଲେ, ଜଗତ୍‌ସିଂହପୁର ସହରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ଆଦିକବି ସାରଳା ଦାସ ସଂସ୍କୃତି ଭବନ ରହିଛି। କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ। ବିଶେଷକରି ନାଟକ ଉପଯୋଗୀ ମଞ୍ଚ ନାହିଁ। ଏହାବାଦ୍ ଲାଇଟ୍, ସାଉଣ୍ଡ ଓ ଗ୍ରିନ ରୁମ୍ ସମସ୍ୟା ନାଟକ ପରିବେଷଣରେ ବାଧା ସୃଷ୍ଟି କରୁଛି। ତେଣୁ ସରକାର ସଂସ୍କୃତି ଭବନକୁ ନାଟକ ଉପଯୋଗୀ କରିବା ଜରୁରୀ ବୋଲି ଗୋଚ୍ଛାୟତ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଅନ୍ତର୍ଜାତୀୟ ନାଟକ ସଂସ୍ଥାନ (ଆଇଟିଆଇ) ୧୯୬୧ରେ ବିଶ୍ୱ ନାଟକ ଦିବସ ଆରମ୍ଭ କରିଥିଲା। ଏହାର ଉଦ୍ଦେଶ୍ୟ ଥିଲା, ନାଟକକୁ ବିଶ୍ୱରେ ପ୍ରୋତ୍ସାହିତ କରିବା ସାଙ୍ଗକୁ ଏହାର ପ୍ରଭାବ ଓ ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରିବା। ଯେହେତୁ ନାଟକ କଳାର ସମାହାର ଏବଂ ପ୍ରତ୍ୟକ୍ଷ ମଞ୍ଚସ୍ଥ ହୁଏ ତେଣୁ ଏହାର ଗରିମା ଅଧିକ। ଲୋକେ ଭରପୂର ମନୋରଞ୍ଜନର ସୁଯୋଗ ପାଆନ୍ତି। ଏହି ଅନୁଯାୟୀ ପ୍ରତିବର୍ଷ ମାର୍ଚ୍ଚ ୨୭ ତାରିଖରେ ବିଶ୍ୱ ନାଟକ ଦିବସ ପାଳନ ହୋଇଆସୁଛି। ଚଳିତବର୍ଷର ବିଷୟ ରହିଛି 'ନାଟକ ଏବଂ ଶାନ୍ତିର ସଂସ୍କୃତି'। ଯାହା ନାଟକ ମାଧ୍ୟମରେ ଶାନ୍ତି ବଜାୟ ରଖିବା ପାଇଁ ଉଦ୍ଦିଷ୍ଟ।

# ଟିକେଟ୍ ପାଇଁ ଆଶାୟୀଙ୍କ ଭିଡ଼

ରଘୁନାଥପୁର,୨୮।୩
(ରାଜେନ୍ଦ୍ର ନାରାୟଣ ସିଂହ)

**ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ**

ବିଧାନସଭା ନିର୍ବାଚନରେ ତିର୍ତ୍ତୋଲ ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ଏହି ଆସନଟି ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରହିଛି। ପୂର୍ବତନ ବିଧାୟକ ବିଷ୍ଣୁ ଦାସଙ୍କ ନିଧନ ପରେ ଏହି ବିଧାନ ସଭା କ୍ଷେତ୍ରରେ ଉପନିର୍ବାଚନ କରାଯାଇଥିଲା। ସେତେବେଳେ ବିଷ୍ଣୁଙ୍କ ପୁତ୍ର ବିଜୟଶଙ୍କର ଦାସ ଏଠାରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ମାତ୍ର ବ୍ୟକ୍ତିଗତ ସ୍ତରର କେତେକ ଘଟଣାବଳୀକୁ ନେଇ ସେ ବିବାଦ ଘେରକୁ ଚାଲିଆସିଥିବାବେଳେ ଏହି ସୁଯୋଗରୁ ଫାଇଦା ନେବା ପାଇଁ ଅନ୍ୟ ଆଶାୟୀଙ୍କ ମଧ୍ୟରେ କସରତ ଆରମ୍ଭ ହୋଇଯାଇଛି। ବିରିଡି, ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକକୁ ନେଇ ଏହି ନିର୍ବାଚନମଣ୍ଡଳୀଟି ପର୍ଯ୍ୟବସିତ। ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକରେ ଦଳୀୟ ଗୋଷ୍ଠୀ ବିବାଦ ଥମିବାର ନାଁ ଧରୁନି। ରାଜ୍ୟ ନେତୃବୃନ୍ଦ ବହୁବାର ଭୁବନେଶ୍ୱର ଡାକି ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମିଳାମିଶା କରିଥିଲେ ସୁଦ୍ଧା ତୃଣମୂଳସ୍ତରରେ ଥିବା କର୍ମୀମାନେ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଦଳୀୟ ଟିକେଟ ପାଇଁ ଲବି ଆରମ୍ଭ ହୋଇଗଲାଣି। ଗତ ୨୦୧୯ରେ ବିଜେଡି ପ୍ରାର୍ଥୀ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ସହ ପ୍ରତିଯୋଗିତା କରି ୫୩ ହଜାର ୫୮୧ ଖଣ୍ଡ ଭୋଟ ପାଇଥିବା ଭାଜପା ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ ବର୍ତ୍ତମାନ ବିଜେଡିର ଜଣେ ସକ୍ରିୟ ରାଜନେତା ଭାବେ ଲୋକଙ୍କ ନିକଟତର ହେଉଛନ୍ତି। ପୂଜାମେଳାଠାରୁ ଆରମ୍ଭ କରି ଏକାଦଶାହ କାର୍ଯ୍ୟକ୍ରମରେ ଲୋକଙ୍କ ସହ ତାଙ୍କୁ ଦେଖିବାକୁ ମିଳୁଛି। ଅପରପକ୍ଷେ ଚଳିତ ଥର ପୁନର୍ବାର ବିଜେଡି ଟିକେଟରେ ବିଧାୟକ ହୋଇ ନିଜର ଦ୍ୱିତୀୟ ଇନିଂସ ଆରମ୍ଭ ପାଇଁ ବିଧାୟକ ବିଜୟଶଙ୍କର ନିଜର ଉଦ୍ୟମ ଜାରି ରଖିଛନ୍ତି। ସେହିପରି ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ଦେବେନ୍ଦ୍ର ମଲ୍ଲିକ,ଯୁଧିଷ୍ଠିର ସେଠୀଙ୍କ ଭଳି ଅନେକ ବ୍ୟକ୍ତି ଦଳୀୟ ଟିକେଟ ହାତେଇବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ଟିକେଟକୁ ନେଇ ଅଞ୍ଚଳରେ ଉତ୍କଣ୍ଠା ବଢୁଥିବାବେଳେ ବିରୋଧୀ ଦଳ ଏହା ଉପରେ ତୀକ୍ଷଣ ଦୃଷ୍ଟି ରଖିଛି।

# ବିଦ୍ୟାଳୟର ବନ୍ଧୁତ୍ୱ ସାରାଜୀବନ ଅତୁଟ ରହେ



ବନ୍ଧୁ ମିଳନ ଉତ୍ସବରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ତିର୍ତ୍ତୋଲ,୨୮।୩ (ଗୌରାଙ୍ଗ ଚରଣ ସ୍ୱାଇଁ)

ବିଦ୍ୟାଳୟ ଜୀବନର ବନ୍ଧୁତ୍ୱ ସାରାଜୀବନ ଲାଗି ଅତୁଟ ରହେ ବୋଲି ସଅଁରା ଉଚ୍ଚ ବିଦ୍ୟାଳୟ ୧୯୯୦ ବ୍ୟାଚର ବନ୍ଧୁ ମିଳନ ଓ ଗୁରୁପୂଜନ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ତିର୍ତ୍ତୋଲ ବ୍ଲକ ବିରିତୋଳ ମା'ଜାଗୁଳାଇ ପୀଠରେ ଗୁରୁବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁରୁପୂଜନ ସହ ଉକ୍ତ ବ୍ୟାଚର ଛାତ୍ରୀଛାତ୍ରମାନେ ପରସ୍ପର ମଧ୍ୟରେ ବିଦ୍ୟାଳୟ ଜୀବନର ଅନୁଭୂତି ବଖାଣି ଥିଲେ। ଏଥିସହ ଆଗାମୀ ଦିନରେ ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟରେ ସମସ୍ତେ ସହଭାଗି ହୋଇ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ନୀହାର କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ରବିନାରାୟଣ ରାଉତ, ବିଶ୍ୱଜିତ ସ୍ୱାଇଁ, ନୃସିଂହ ଭାରତୀ, ସୁଧୀର କୁମାର ମହାନ୍ତି, ମନ୍ମଥ ମନୋହରୀ, ଶର୍ମିଳା ସାହୁ, ଦେବଜାନୀ ରଥ, ଦୀପ୍ତି ମହାନ୍ତି, ବିଜୟ ମହାରଣା, ପ୍ରଦୀପ୍ତ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ଡେରାବିଶ,୨୮।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁର ଶିଳ୍ପାଞ୍ଚଳରେ ଥିବା ଏକ କରତ କଳରେ ବୁଧବାର ସନ୍ଧ୍ୟାରେ ଜଣେ ଶ୍ରମିକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ହେଲେ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଭାଗବତପୁର ପଞ୍ଚାୟତ ପଟକୁରା ଗାଁର ଆଦିକନ୍ଦ ଜେନା। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଡେରାବିଶ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଆଦିକନ୍ଦଙ୍କ ମୃତଦେହକୁ ଜବତ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ନବନିର୍ମାଣ କୃଷକ ସଙ୍ଗଠନର ସିଂହାସନ ଖାଲି କର ସମାବେଶ

ବାଲିକୁଦା, ୨୮।୩ (ତାପସ ସ୍ୱାଇଁ)

**ବାଲିକୁଦା-ଏରସମା ପାଇଁ ଶେଷଦେବ ନନ୍ଦ ପ୍ରାର୍ଥୀ**

ଓଡ଼ିଶା ବିଧାନସଭା ନିର୍ବାଚନରେ ଲଢ଼ିବା ପାଇଁ ନିଷ୍ପତ୍ତି ନେବା ପରେ ନବ ନିର୍ମାଣ କୃଷକ ସଙ୍ଗଠନ ପ୍ରଥମେ ଯେଉଁ ୮ ଜଣ ବିଧାୟକ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଥିଲା, ତନ୍ମଧ୍ୟରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ସ୍ଥାନ ପାଇଥିଲା। ଏହି ସ୍ଥାନରେ ସଙ୍ଗଠନ ପକ୍ଷରୁ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦକୁ ପ୍ରାର୍ଥୀ କରାଯାଇଛି। ପ୍ରାର୍ଥୀ ହେବା ପରେ ଗୁରୁବାର ବାଲିକୁଦା ବ୍ଲକସ୍ଥିତ ଇଚ୍ଛାପୁର ପଞ୍ଚାୟତ ଧାନମଣ୍ଡି ପଡ଼ିଆରେ ବାଲିକୁଦା ବ୍ଲକ ସଂଯୋଜକ ରଘୁନାଥ ନାୟକଙ୍କ ସଭାପତିତ୍ୱରେ ସିଂହାସନ ଖାଲି କର ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ବିଧାୟକ ପ୍ରାର୍ଥୀ ଶେଷଦେବ ନନ୍ଦ, ବରିଷ୍ଠ ନେତା ପ୍ରଦୀପ ପ୍ରଧାନ, ରାଜ୍ୟ ସଂଯୋଜକ ଉମାକାନ୍ତ ରାଉତ, ରାଜ୍ୟ ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ, ଇଚ୍ଛାପୁର ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, କାଳିଓ ପୂର୍ବତନ ସରପଞ୍ଚ ବାବାଜୀ ଚରଣ ଜେନା ନିଜ ବକ୍ତବ୍ୟରେ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା ସହ କେନ୍ଦ୍ର ସରକାରଙ୍କୁ ମଧ୍ୟ ଚାଷୀ ବିରୋଧୀ ବୋଲି କହିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ଉଭୟ ଚାଷୀଙ୍କ ଆୟ ବୃଦ୍ଧି ପାଇଁ କେବେବି ଉଦ୍ୟମ କରୁ ନ ଥିବା ବେଳେ ଚାଷୀଙ୍କ ଭୋଟରେ ସରକାର ଗଢି ଚାଷୀଙ୍କୁ ଲୁଟ୍ କରୁଛନ୍ତି। ଭାରତ ବର୍ଷ ସମେତ ରାଜ୍ୟର ୮୦ ପ୍ରତିଶତ ଭୋଟର ଚାଷୀ ହୋଇଥିବା ବେଳେ ସେମାନଙ୍କ ଭୋଟରେ ବିଜୟୀ ହୋଇ ସିଂହାସନ ହାସଲ କରିବା ପରେ ପ୍ରଥମେ ଚାଷୀଙ୍କୁ ଶୋଷଣ କରୁଛନ୍ତି। ତେଣୁ ପ୍ରତ୍ୟେକ ଚାଷୀ ନିଜର ଏକ ସରକାର ଗଠନ କଲେ ଚାଷୀକୁଳ ଉପକୃତ ହେବା ସହ ସେମାନଙ୍କ ପିଲା ଭବିଷ୍ୟତର ସ୍ୱପ୍ନ ଦେଖିପାରିବ। ଏଣୁ ଏହାର ପ୍ରଥମ ଶୁଭାରମ୍ଭ ଓ ଶପଥ ବାଲିକୁଦାଠାରୁ ହେବାକୁ ନେତା ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଙ୍ଗଠନର ରାଜ୍ୟ କମିଟି ସଦସ୍ୟ ଦେବୀ ପ୍ରସାଦ ମହାରଣା ସଂଗ୍ରାମୀ ସଂଗୀତ ଗାନ କରି କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି କରିଥିଲେ। କାର୍ଯ୍ୟକ୍ରମରେ ରବୀନ୍ଦ୍ର ସେଠୀ, ଅଶୋକ ସ୍ୱାଇଁ, ରଶ୍ମି ରଥ, ପ୍ରତାପ ସ୍ୱାଇଁ, ପବିତ୍ର ନାୟକ, ସୁବାସ ସ୍ୱାଇଁ, ବୃନ୍ଦାବନ ସ୍ୱାଇଁ, ବୃନ୍ଦାବନ ବିଶ୍ୱାଳ, ଜୟପ୍ରକାଶ ମହାନ୍ତି, ପ୍ରମୋଦ ମହାରଣା, ସଞ୍ଜୟ ସ୍ୱାଇଁଙ୍କ ସମେତ ଚାଷୀ ଉପସ୍ଥିତ ରହି ଚାଷୀ ସରକାର ଗଠନ ପାଇଁ ଶପଥ ନେଇଥିଲେ।




ସମାବେଶରେ ଯୋଗ ଦେଇଥିବା ନବ ନିର୍ମାଣ କୃଷକ ସଂଗଠନର ନେତୃମଣ୍ଡଳୀ।

# ପୃଥକ୍ ସ୍ଥାନରେ ବିଶ୍ୱଶାନ୍ତି ମହାଯଜ୍ଞ

ରଘୁନାଥପୁର,୨୮।୩
(ରାଜେନ୍ଦ୍ର ନାରାୟଣ ସିଂହ)

**ଜୟ ହନୁମାନ ସେଚ୍ଛାସେବୀ ସଙ୍ଗଠନ**

**ଗୋଷ୍ଠୀ ବିବାଦ ପାଇଁ ୧୦୭ ଦଫା ବନ୍ଦ କରାଯାଇଥିଲା**

ରଘୁନାଥପୁର ପଞ୍ଚାୟତ ଅନ୍ତର୍ଗତ ଅଯୋଧ୍ୟାପୁରଠାରେ ଥିବା ହନୁମାନ ମନ୍ଦିର ନିକଟରେ ପୃଥକ୍ ସ୍ଥାନରେ ୨ ଗୋଷ୍ଠୀଙ୍କ ପକ୍ଷରୁ ଚଳିତ ମାର୍ଚ୍ଚ ୨୬ରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଜୟହନୁମାନ ସେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରାଯିବା ସହ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ ମଧ୍ୟ କରାଯାଏ। ତେବେ କୌଣସି କାରଣରୁ ଏହି ସଙ୍ଗଠନର ସଦସ୍ୟମାନେ ଦୁଇଗୋଷ୍ଠୀରେ ପରିଣତ ହୋଇଯାଇଛନ୍ତି। କରୋନା ପରେ ୨୦୨୨ରେ ରଘୁନାଥପୁର ସରପଞ୍ଚଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ପଣ୍ଡାଙ୍କ ପ୍ରଚେଷ୍ଟାରେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋଷ ସମାଧାନ କରାଯାଇ ୩ ବର୍ଷ ବ୍ୟବଧାନରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଯଜ୍ଞପରେ ପୁନର୍ବାର ସଙ୍ଗଠନରେ ଗୋଷ୍ଠୀକନ୍ଦଳ ଦେଖାଦେଇଥିଲା। ଏପରିକି ଘଟଣା ଥାନାରେ ପହଞ୍ଚିଥିଲା। ସେତେବେଳର ତତ୍କାଳୀନ ଏସ୍‌ଆଇ ଅନିଲ କୁମାର ସାହୁ ଗୋଷ୍ଠୀକନ୍ଦଳ ତୀବ୍ର ହେବାର ଅନୁଭବ କରି ଉଭୟ ଗୋଷ୍ଠୀର ସଦସ୍ୟମାନଙ୍କ ଉପରେ ୧୦୭ ଦଫା ଲଗାଇ ଯଜ୍ଞ ବନ୍ଦ କରାଇଥିଲେ। ଏବେ ଉଭୟ ଗୋଷ୍ଠୀ ପ୍ରଶାସନକୁ ଚାଲେଞ୍ଜ କରି ଚଳିତ ମାର୍ଚ୍ଚ ୨୬ରୁ ପୃଥକ ସ୍ଥାନରେ ଯଜ୍ଞ ଆରମ୍ଭ କରିଛନ୍ତି। ଏବେ ସାଧାରଣ ନିର୍ବାଚନ ପାଇଁ ଆଚରଣବିଧି ଲାଗିଥିବାରୁ ଆଇନଶୃଙ୍ଖଳାକୁ ଆଖିଆଗରେ ରଖି ପୋଲିସ ଗୋଟିଏ ସ୍ଥାନରେ ୪ଜଣରୁ ଅଧିକ ଭିଡକରିବାକୁ ଦେଉ ନ ଥିବାବେଳେ ରଘୁନାଥପୁର ଥାନାଠାରୁ ମାତ୍ର ୨କିମି ଦୂରତାରେ କିପରି ଦୁଇଗୋଷ୍ଠିର ପକ୍ଷରୁ ଯଜ୍ଞ ଆରମ୍ଭ କରାଯାଇଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୌଣସି କାରଣରୁ ଏଠାରେ ଆଇନ ଶୃଙ୍ଖଳା ପରସ୍ଥିତି ଉପୁଜିଲେ ସେନେଇ କିଏ ଦାୟୀ ରହିବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଏସମ୍ପର୍କରେ ଆଇଆଇସ ସୁଶାନ୍ତ କୁମାର ସେଠୀ କୁହନ୍ତି, ଉଭୟ ଗୋଷ୍ଠୀ ୨ଟି ଜାଗରେ ପୂଜା କଲେ ମଧ୍ୟ ସେଥିରେ କୌଣସି ଅସୁବିଧା ନାହିଁ।

# ରାଜକନିକାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ରାଜକନିକା,୨୮।୩ (ସଞ୍ଜୟ କୁମାର ଦାଶ)

ନିର୍ବାଚନ ତାରିଖ ଘୋଷଣା ହେବା ପରେ ପ୍ରଶାସନ ତତ୍ପର ହୋଇଉଠିଛି। ରାଜ୍ୟରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ସ୍ଥିର ହୋଇଥିବା ବେଳେ, ଜୁନ ୧ରେ କେନ୍ଦ୍ରାପଡ଼ା ଜିଲାରେ ଭୋଟ ହେବାର ପ୍ରାବଧାନ ଅଛି। କେନ୍ଦ୍ରାପଡ଼ା ଲୋକସଭା ତଥା ଆଳି ବିଧାନସଭା ଆସନ ପାଇଁ ନିର୍ବାଚନ ହେବାକୁ ଥିବାରୁ ରାଜକନିକା ବ୍ଲକ ପ୍ରଶାସନ ତତ୍ପର ହୋଇଛି। ଆଳି ନିର୍ବାଚନମଣ୍ଡଳୀର ରାଜକନିକା ଓ ଆଳି ବ୍ଲକକୁ ନେଇ ଗଠିତ। ରାଜକନିକା ବ୍ଲକର ୨୯ଟି ପଞ୍ଚାୟତ ହୋଇଥିବା ବେଳେ, ଆଳି ବ୍ଲକର ୩୪ଟି ପଞ୍ଚାୟତକୁ ନେଇ ଗଠିତ। ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ଅଧିକାରୀମାନଙ୍କୁ ତାଲିମ ଦିଆଯାଉଛି। ସେହିପରି ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ଉଦ୍ଦେଶ୍ୟରେ ବୁଧବାର ଅପରାହ୍ନରେ ରାଜକନିକା ଥାନା ଭାରପ୍ରାପ୍ତ ଅଧିକାରୀ ଦିଲୀପ କୁମାର ଧଳଙ୍କ ନେତୃତ୍ୱରେ ପୋଲିସ ସହିତ ଏକ କମ୍ପାନୀ ସିଆଇଏସ୍ଏଫ୍ ଯବାନଙ୍କୁ ନେଇ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ପୋଲିସ ବାହିନୀ ରାଜକନିକା ଥାନାରୁ ବାହାରି କଣ୍ଟାପଡ଼ା ବଜାର, ଚନ୍ଦନ ପୋଖରୀ ଛକ, ଅଶୋକ ବଜାର ହୋଇ ଥାନାରେ ପହଞ୍ଚିବା ପରେ ଓଳାଉର ବଜାର ଓ କଣ୍ଡିଆ ଫାଣ୍ଡି ଅଞ୍ଚଳ କଣ୍ଡିଆ ବଜାରରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ।



ରାଜନଗରରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

# ଅଣ୍ଟୁ ଉଦ୍ୟୋଗରୁ ଦୂରେଇ ଯାଉଛନ୍ତି ଏସ୍ଏଚ୍‌ଜି

ପଟ୍ଟାମୁଣ୍ଡାଇ,୨୮।୩ (କଳ୍ପତରୁ ନାୟକ)

- ସୁଧ କାରବାରକୁ ଗୁରୁତ୍ୱ ଦେଉଛନ୍ତି
- ପଟ୍ଟାମୁଣ୍ଡାଇରେ ୩,୩୩୨ ଏସ୍ଏଚଜି ରହିଛି

ମହିଳାଙ୍କ ଆର୍ଥିକ ବିକାଶ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ମିଶନ ଶକ୍ତି ମାଧ୍ୟମରେ ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କୁ ଅଗ୍ରାଧିକାର ଦିଆଯାଉଛି। ମହିଳା ସ୍ୱାବଲମ୍ବୀ ହେଲେ ଦେଶର ଆର୍ଥିକ ବିକାଶ ହୋଇପାରିବ। ତେଣୁ ସେମାନଙ୍କୁ ଋଣ ଯୋଗାଇବା ସହ ପ୍ରକଳ୍ପ ପାଇଁ ବୈଷୟିକ ସହାୟତା ପ୍ରଦାନ କରାଯିବା, ଗୋଷ୍ଠୀ ସଙ୍ଗଠିତ କରି ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ସରକାରୀ ଯୋଜନାରେ ନିରନ୍ତର ଆର୍ଥିକ ସହାୟତା, ଦକ୍ଷତା ବିକାଶ ତାଲିମ ଏବଂ ନୂତନ ଜୀବିକାର ରାହା ଦେଖାଉଛନ୍ତି। ଏହାସହ ସେମାନଙ୍କ ଉତ୍ପାଦର ଠିକ ବଜାର ବ୍ୟବସ୍ଥା ପାଇଁ ସରକାର ଯୋଜନା ସବୁ କରିଛନ୍ତି। ମାତ୍ର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଗାଁ ଗାଁରେ ଥିବା ଅଧିକାଂଶ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚଜି) ବ୍ୟାଙ୍କରୁ ଋଣ ନେଇ ସୁଧ କାରବାରରେ ମାତିଛନ୍ତି। ଖାଲି ସେତିକି ନୁହେଁ ପୌରାଞ୍ଚଳରେ ମୁକ୍ତା ଯୋଜନାରେ ଏସ୍ଏଚଜି ଗ୍ରୁପ ନାଁରେ ଯେଉଁ କାମ ଆସୁଛି ତାକୁ ମଧ୍ୟ ଠିକାଦାରଙ୍କୁ ବିକ୍ରି କରି ଟଙ୍କା ହାତେଇ ନେଉଛନ୍ତି ବୋଲି ଅଭିଯୋଗ ହେଉଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଓ ଗ୍ରାମାଞ୍ଚଳରେ ସମୁଦାୟ ୩,୩୩୨ଟି ଏସ୍ଏଚଜି ଅଛି। ସେଥିମଧ୍ୟରୁ ପାଖାପାଖି ୧୫୦ ଗୋଷ୍ଠୀ ଅଣ୍ଟୁ ଉଦ୍ୟୋଗ କରି ବଡ଼ି, ପାମ୍ପଡ, ମସଲା ଓ ଟେରାକୋଟା ଆଦି ସାମଗ୍ରୀ କରୁଥିବା ବେଳେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଏସ୍ଏଚଜି ମାଛ, କୁକୁଡା, ଗାଈ, ଛେଳି, ମେଣ୍ଢା ଚାଷ କରୁଥିବା ପଟ୍ଟାମୁଣ୍ଡାଇ ବ୍ଲକ ମିଶନ ଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ ପ୍ରକାଶ କରିଛନ୍ତି। ସେହିପରି ଏକ ରାଷ୍ଟ୍ରୀୟ ବ୍ୟାଙ୍କ ଅଧିକାରୀ କୁହନ୍ତି, ଆମ ବ୍ୟାଙ୍କରେ ୬୦୦ ମହିଳା ସଙ୍ଗଠନ ବିଭିନ୍ନ ଉଦ୍ୟୋଗ କରିବା ଲାଗି ଋଣ ନେଇଛନ୍ତି। ମାତ୍ର ସେପରି କୌଣସି ଉଦ୍ୟୋଗ ଅଞ୍ଚଳରେ ଦେଖାଯାଉନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ସାମାଜିକ କର୍ମୀ ପ୍ରମୋଦ ସାହୁ, ପ୍ରବୀର ନାୟକ, କୃପାସିନ୍ଧୁ ନାୟକ, ସାମାଜିକ କର୍ମୀ ରିତାରାଣୀ ଦାଶ କହିଛନ୍ତି, ଓଡ଼ିଶା ସରକାର ୨୦୦୧ ମାର୍ଚ୍ଚ ୮ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମହିଳାମାନଙ୍କୁ ସ୍ୱାଧୀନ ଭାବେ ରୋଜଗାର ଏବଂ ଆୟ ପାଇବାକୁ ସକ୍ଷମ କରି ଅର୍ଥନୈତିକ ସ୍ୱାଧୀନତା ହାସଲ କରିବାରେ ସର୍ବୋଚ୍ଚ ପ୍ରାଥମିକତା ଦେଇ ଏସ୍ଏଚଜି ବା ମିଶନ ଶକ୍ତି ଆରମ୍ଭ କରିଥିଲା। ମିଶନ ଶକ୍ତିର ସ୍ପଷ୍ଟ ଉଦ୍ଦେଶ୍ୟ ହେଉଛି ଋଣ ଏବଂ ବଜାର ଲିଙ୍କ୍ ଯୋଗାଇ ଲାଭଜନକ କାର୍ଯ୍ୟକଳାପ ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବା। ମାତ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ୩,୩୩୨ଟି ଏସ୍ଏଚଜିଙ୍କ ପାଖରେ ତାହା ପରିଗଣିତ ହେଉନାହିଁ। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସେପରି ୟୁନିଟ ଦେଖିବାକୁ ମିଳୁ ନ ଥିବା ବେଳେ ଯଜ୍ଞ ବା ମେଳାରେ କୌଣସି ଏସ୍ଏଚଜିର ଷ୍ଟଲ ପଡୁଥିବା ଦେଖିବାକୁ ମିଳୁନାହିଁ। ଏଥିରୁ ଅନୁମେୟ ହେଉଛି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନା ଅଛି ଉଦ୍ୟୋଗ, ନା ହେଉଛି ସେପରି ଆଖିଦୃଶିଆ ଚାଷ। ଖାଲି ବ୍ୟାଙ୍କରୁ ଋଣ ନେଇ ସୁଧ କାରବାରରେ ଲିପ୍ତ ରହୁଛନ୍ତି। ସୁଧ ଦେଣ ଲେଣରେ ମାମଲା ହୋଇ ମଧ୍ୟ ଥାନାକୁ କେସ ହୋଇଛି। ବିନା କୌଣସି ଉଦ୍ୟୋଗ ବା ଚାଷର ରିସ୍କରେ ଡବଲ ସୁଧ ହାତେଇବା ସହ ମୁକ୍ତା ଯୋଜନାରେ ପୌରାଞ୍ଚଳ ଏସ୍ଏଚଜିକୁ ଆସୁଥିବା କାମକୁ ବିକି ୩ଗୁଣା ଲାଭ ଉଠାଇବାରେ ସକ୍ଷମ ହେଉଛନ୍ତି। ଏଣିକି ୫ ଲକ୍ଷ ଟଙ୍କା ଜାଗାରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ନେଇପାରିବେ। ଯାହାକି ମହିଳାମାନଙ୍କୁ କାମ କରିବାକୁ ଏହା ଆକୃଷ୍ଟ କରିବ ବୋଲି ସେମାନେ କହିଛନ୍ତି।

## ସଂକ୍ଷେପରେ

### ୯୫ ଲିଟର ବିଦେଶୀ ମଦ ଜବତ, ୨ ଗିରଫ

ଛତ୍ରପୁର,୨୮।୩(ଦିଲୀପ ସାମଲ)

ଅବାଧ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ଗଞ୍ଜାମ ପୋଲିସ ପକ୍ଷରୁ ବିଭିନ୍ନ ଥାନା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଉଥିବା ବେଳେ ଜେଲ ଫେରନ୍ତା ଅପରାଧୀଙ୍କ ଉପରେ କଡ଼ା ନଜର ରହିଛି। ଏଥିସହିତ ବେଆଇନ ଚୋରା ନିଶା କାରବାର ରୋକିବା ନିମନ୍ତେ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଚମାଖଣ୍ଡି ଥାନା ପୋଲିସ ଚୋରା ମଦ କାରବାର ଉପରେ ଚଢ଼ାଉ କରି ୯୫ ଲିଟର ବିଦେଶୀ ମଦ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଅନିଲ କୁମାର ସାହୁ ଓ ପାରିତୋଷ ନାୟକ। ପୋଲିସ ଟିମ୍ ବୁଧବାର ବିଳମ୍ବିତ ରାତିରେ ନରେନ୍ଦ୍ରପୁର ଗ୍ରାମର ଅନିଲଙ୍କ ଘରୁ ଏବଂ ପୋକିଡି ବନ୍ଧ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଢ଼ାବାରେ ଚଢ଼ାଉ କରି ପାରିତୋଷଙ୍କଠାରୁ ଚୋରା ବିଦେଶୀ ମଦ ଜବତ କରିଥିଲା। ପୋଲିସ ଏ ନେଇ ଦୁଇଟି ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

### ଶ୍ରୀଗୁଣ୍ଡିଚା ଭଜନ ମଣ୍ଡଳୀର ଭଜନ ସନ୍ଧ୍ୟା

କବିସୂର୍ଯ୍ୟନଗର,୨୮।୩ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ସିନ୍ଧୁରିଆପଡା ମୁଖ୍ୟ ରାସ୍ତା କଡରେ କର୍ତ୍ତା ମାନସିକଧାରୀ ବୁଲୁ ଭୋଳଙ୍କ ଦୋଳ ପୂର୍ଣ୍ଣିମା ଅବସରରେ ଗୁରୁବାର ଶ୍ରୀଗୁଣ୍ଡିଚା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଇଂ. କୃପାସିନ୍ଧୁ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବ ସାମାଜିକ କର୍ମୀ ସଞ୍ଜୟ କୁମାର ମଣ୍ଡଳ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । ସାଥୀରେ ଥିଲେ ବରିଷ୍ଠ ବ୍ଲକ କଂଗ୍ରେସ ସଭାପତି ସୁବାସ ଚନ୍ଦ୍ର ଜେନା, ବିଶ୍ୱଜିତ ମିଶ୍ର, ବଳରାମ ସୁବୁଦ୍ଧି କଳାକାରଙ୍କ ମଧ୍ୟରେ ଶିବରାମ, ଶଙ୍କର, ସନକୁମାର, କନକକୁମାର, ଲକ୍ଷ୍ମୀରାଣୀ, ଶ୍ରଧାସୁମନ, ପ୍ରେମରାଜ, ଲିପି ମହାନ୍ତି ଓ ବବ୍ରୁବାହନ ଜେନା ଉପସ୍ଥିତ ରହି କଣ୍ଠଦାନ କରିଥିଲେ । ସାମ୍ବାଦିକ କୃପାସିନ୍ଧୁ ସ୍ୱାଇଁ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସଫଳ ଉତ୍ତରଦାତାଙ୍କୁ ଉପହାର ପ୍ରଦାନ କରିଥିଲେ।

### ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ

ଆର,ଉଦୟଗିରି,୨୮।୩(ମନୋଜ କୁମାର ପାଢ଼ୀ)

ଆର.ଉଦୟଗିରି ସାମ୍ବାଦିକ ସଂଘର ୬ଷ୍ଠ ବାର୍ଷିକ ଉତ୍ସବ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ମମତାଜ ମହମ୍ମଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାଶ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରା.ଉଦୟଗିରି ଓକିଲ ସଂଘ ସଭାପତି ଶ୍ରୀମତୀ କମଳିନୀ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ଯାକୁବ ମାଝି, ପୂର୍ବତନ ସମିତି ସଭ୍ୟ ସୁଦର୍ଶନ ପଣ୍ଡା, ବିଜେଡି ବ୍ଲକ ସଭାପତି ଭୀମ ପାଇକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ, ମୋହନା ପ୍ରେସ କ୍ଲବ ସଭାପତି ପଞ୍ଚାନନ ଦାଶ, ଉପସଭାପତି ନୃସିଂହ ପୂଜାରୀ, ସାମ୍ବାଦିକ ମନ୍ମଥ ମିଶ୍ର, ମୋହନ ଗୌଡ଼, ବିମଳ କୁମାର ମଲିକ, ବର୍ଷାରାଣୀ ମହାଙ୍କୁଡ଼ଙ୍କ ସମେତ ପାରଳାଖେମୁଣ୍ଡି, ନୂଆଁଗଡ଼ରୁ ଆସିଥିବା କିଛି ସମ୍ବାଦିକଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ,ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଆର.ଉଦୟଗିରି ସାମ୍ବାଦିକ ସଂଘର କୋଷାଧ୍ୟକ୍ଷ ମିହିର ପ୍ରସାଦ ମାଲି, ସନ୍ତୋଷ କୁମାର ପାଳ, ପ୍ରଦୀପ କୁମାର ସ୍ୱାମୀ, ମନୋଜ କୁମାର ପାଢ଼ୀ, ସମ୍ପାଦକ କହ୍ଲୋଳ କୁମାର ରାୟ, ମନୋଜ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

### ଫାଣ୍ଡି ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ବୁଗୁଡ଼ା,୨୮।୩(କାଳିଚରଣଦାଶ)

ବାଲିପଦର ଫାଣ୍ଡି ପୋଲିସ ପକ୍ଷରୁ ବାଲିପଦର ଫାଣ୍ଡି ଇଲକାର ୭ ଖଣ୍ଡ ଗ୍ରାମରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି, ଯେପରି ଭାବେ ଆଇନ ଶୃଙ୍ଖଳା ବ୍ୟବସ୍ଥା ଠିକ ରହି ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପାଦନ ହୋଇପାରିବ ସେ ନେଇ ଗଞ୍ଜାମ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଭଞ୍ଜନଗର ଏସ୍‌ଡିପିଓ ସୁଜିତ୍ କୁମାର ନାୟକଙ୍କ ନେତୃତ୍ୱରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗ ମାର୍ଚ୍ଚରେ ବାଲିପଦର ଫାଣ୍ଡି ଅଧିକାରୀ ସମିର କୁମାର ବେହେରା, ବୁଗୁଡା ଥାନାଧିକାରୀ ପ୍ରଭାତ ରଞ୍ଜନ ମହାନ୍ତି, ଗାଙ୍ଗପୁର ଥାନା ଅଧିକାରି ରାଜେଶ ନାୟକ, ବେଲଗୁଣ୍ଠା ଥାନା ଅଧିକାରି ବନବିହାରି ପ୍ରଧାନଙ୍କ ପ୍ରମୁଖ ସାମିଲ ଥିଲେ।

# ଗୋଟିଏ ଗାଁ ୩ ନାଁରେ ପରିଚିତ



- ଓଡ଼ିଶାର ଗାଁରେ ଆନ୍ଧ୍ରର ପ୍ରଭାବ ବେଶି
- ୨ଟି ରାଜ୍ୟ ଓ ୩ ଜିଲା ପ୍ରଶାସନର ଉପସ୍ଥିତି ଜାହିର
- ଗଜପତିର ଗୁଡ଼ିଖୁଡ଼ି, ଗଞ୍ଜାମର ଅବନ୍ଦିଆ ଓ ଆନ୍ଧ୍ରର ଗୁଡ଼ିଖୋଲା

ପାରଳାଖେମୁଣ୍ଡି,୨୮।୩(ଗିରିଧାରୀ ପରିଚ୍ଛା)

ଗ୍ରାମ ଗୋଟିଏ ମାତ୍ର ନାମ ତିନୋଟି। ଏଥିରେ ଦୁଇ ରାଜ୍ୟର ତିନି ଜିଲା ପ୍ରଶାସନ ଉପସ୍ଥିତ ଜାହିର କରୁଛନ୍ତି। ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପରିବାର ରହୁଥିବା ଏହି ଗ୍ରାମ ଉପରେ ଆନ୍ଧ୍ର ଦୃଷ୍ଟି ପକାଇ ଅକ୍ତିଆର କରିବାରେ ଲାଗିଛି। ପ୍ରଶାସନର ଆନ୍ତରିକତା ଅଭାବରୁ ଏହି ଗ୍ରାମରେ ଆନ୍ଧ୍ରର ପ୍ରଭାବ ବେଶି। ଏହି ଗ୍ରାମ ହେଉଛି ଗଜପତି ଜିଲା ରାୟଗଡ଼ ବ୍ଲକ ଗଙ୍ଗାବାଡ ପଞ୍ଚାୟତର ଗୁଡିଖୁଡି। ଗୋଟିଏ ଗ୍ରାମ ତିନି ନାମରେ ପରିଚିତ। ଗଜପତି ତଥା ଓଡ଼ିଶା ରାଜ୍ୟ ଅନୁଯାୟୀ ଏହା ଗୁଡିଖୁଡି। ଆନ୍ଧ୍ର ଏହି ଗ୍ରାମର ନାମକରଣ ଗୁଡିଖୋଲା ବୋଲି କହୁଥିବା ବେଳେ ଗଞ୍ଜାମ ଜିଲା ପ୍ରଶାସନ ଏହି ଗ୍ରାମକୁ ଜିଲାର ବୋଲି ଉଲ୍ଲେଖ କରିଛି। ଗ୍ରାମର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ସବିତା ଶବରଙ୍କ ବାସଗୃହର କାନ୍ଥରେ ଲାଗିଥିବା ଫଳକରେ ଏହା ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତର ଅବନ୍ଦିଆ ଗ୍ରାମ। ଏହା ଆର୍ଥିକ ବର୍ଷ ୨୦୨୧-୨୦୨୨ରେ ନିର୍ମିତ ହୋଇଥିବା ଫଳକରେ ଉଲ୍ଲେଖ ରହିଛି।

ଏହି ଗ୍ରାମକୁ ନେଇ ଉଭୟ ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ଟଣାଓଟରା ଚାଲିଥିବା ବେଳେ ଏଥିରେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତରେ ରହିଥିବା ଉଲ୍ଲେଖ ରହିଛି। ଗଜପତି ଜିଲା ପ୍ରଶାସନ ପକ୍ଷରୁ ରାୟଗଡ଼ ବ୍ଲକ ଗଙ୍ଗାବାଡ ପଞ୍ଚାୟତରେ ଗୁଡ଼ିଖୁଡ଼ି ଗ୍ରାମ ରହିଥିବା ଉଲ୍ଲେଖ କରାଯାଇଛି। ଏଠାରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଗଜପତି ଜିଲା ଅନ୍ତର୍ଗତ ବୋଲି ଉଲ୍ଲେଖ ରହିଛି। ଗ୍ରାମର ବହୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହରେ ଆନ୍ଧ୍ରର ବୋଲି ଉଲ୍ଲେଖ ରହିଛି। ଏପରିସ୍ଥଳେ ଉକ୍ତ ଗାଁଟି କେଉଁ ରାଜ୍ୟ ଓ ଜିଲାରେ ରହିଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗଜପତି ଜିଲା ପ୍ରଶାସନ ତଥା ରାଜସ୍ୱ ବିଭାଗର ଖାମଖିଆଲି ମନୋବୃତ୍ତି ଯୋଗୁ ଓଡ଼ିଶାର ଏହି ଗ୍ରାମ ଆନ୍ଧ୍ରର ଅକ୍ତିଆରକୁ ଚାଲିଯାଉଥିବା ଅଭିଯୋଗ ହେଉଛି। ବିଦ୍ୟୁତ୍ ସେବାଠାରୁ ଆରମ୍ଭ କରି ଆବାସିକ ଯୋଜନା, ସ୍ୱାସ୍ଥ୍ୟସେବା ଆଦି ଗ୍ରାମବାସୀଙ୍କୁ ଆନ୍ଧ୍ର ସରକାର ଯୋଗାଉଛନ୍ତି। ଏପରିକି ଆଧାର କାର୍ଡ, ରାଶନ କାର୍ଡ, ଭୋଟର କାର୍ଡ ମଧ୍ୟ ଗ୍ରାମବାସୀଙ୍କୁ ଆନ୍ଧ୍ର ପ୍ରଦାନ କରିଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ଆଧାର କାର୍ଡ, ରାଶନ କାର୍ଡ, ଭୋଟର କାର୍ଡ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇଛି। ଏହି ଗ୍ରାମର ପ୍ରାୟତଃ ପରିବାର ନିକଟରେ ଉଭୟ ରାଜ୍ୟର ବିଭିନ୍ନ କାର୍ଡ ରହିଛି। ଆନ୍ଧ୍ର ଓ ଓଡ଼ିଶା ସରକାର ତଥା ପ୍ରଶାସନ ଆସି ଏଠାରେ ସୁବିଧା ଦେଉଛନ୍ତି, ତା'ର ଲାଭ ଉଠାଉଛନ୍ତି ଉକ୍ତ ଗ୍ରାମବାସୀ। ଗଙ୍ଗାବାଡ଼ ପଞ୍ଚାୟତର ଏହା ଗୋଟିଏ ଗ୍ରାମ ନୁହେଁ ଅନେକ ଗ୍ରାମରେ ଏପରି ପରିସ୍ଥିତି ରହିଛି। ଶାସନ ଓ ରାଜସ୍ୱ ବିଭାଗ ପୁନଃ ସର୍ଭେ ବା ଡିମାର୍କେଶନ କରି ସୀମାନ୍ତ ଗ୍ରାମାଞ୍ଚଳକୁ ଚିହ୍ନଟ କରି ଆବଶ୍ୟକ ସେବା ଯୋଗାଇଦେଲେ ଆନ୍ଧ୍ର ପ୍ରଦେଶ ପ୍ରଲୋଭନ ଦେଖାଇ ଗ୍ରାମବାସୀଙ୍କୁ ନିଜ ଆଡକୁ ଟାଣିବାରେ ସକ୍ଷମ ହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ଉପଭୋକ୍ତା ସଚେତନତା କର୍ମଶାଳା



ସଚେତନତା କର୍ମଶାଳାରେ ଉପସ୍ଥିତ ଅତିଥି।

ନୟାଗଡ଼,୨୮।୩ (ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଲେଙ୍କୁଡ଼ିପଡ଼ା ଶ୍ରୀ ଗଣେଶ ପାଠାଗାର ପରିସରରେ ପଲ୍ଲୀବନ୍ଧୁ ଡେଙ୍କଣା ଓ ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ନୟାଗଡ଼ଙ୍କ ମିଳିତ ଉଦ୍ୟମରେ ଖାଉଟି ସଚେତନତା କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉପନିୟନ୍ତ୍ରକ ଓଜନ ମାପ ବିଭାଗ ନୟାଗଡ଼ର ମୋନାଲିସା ରାୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ପଲ୍ଲୀବନ୍ଧୁ ଅନୁଷ୍ଠାନର ସମ୍ପାଦକ ଗଣେଶ୍ୱର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଖାଉଟି ସୁରକ୍ଷା ଆଇନ ବିଷୟରେ ଆଲୋଚନା ହୋଇଥିଲା। ଖାଉଟିମାନେ କିପରି ଅସାଧୁ ବ୍ୟବସାୟଙ୍କଠାରୁ ରକ୍ଷା ପାଇପାରିବେ ସରକାରଙ୍କ ଆଇନ ସମ୍ପର୍କରେ ବିଶଦ ଭାବେ ଆଲୋଚନା ହୋଇଥିଲା। ସମ୍ମାନିତ ଅତିଥି ଭାବେ ଶ୍ରୀଗଣେଶ ପାଠାଗାରର ଉପଦେଷ୍ଟା ବଳଭଦ୍ର ବିଶ୍ୱାଳ ଓ ଓଜନ ମାପ ବିଭାଗର ନିରୀକ୍ଷକ ଶର୍ମିଳା ଜେନା ଯୋଗ ଦେଇ ବିଭିନ୍ନ ଉପକରଣର ପରୀକ୍ଷା ପ୍ରଦର୍ଶନ କରିବା ସହିତ କିପରି ଅସାଧୁ ବ୍ୟବସାୟୀମାନେ ଗ୍ରାହକଶ୍ମାନଙ୍କୁ ଠକୁଛନ୍ତି ସେ ବିଷୟରେ ଆଲୋଚନା କରିଥିଲେ। କର୍ମଶାଳାରେ ଶିକ୍ଷକ,ବୁଦ୍ଧିଜୀବୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶିକ୍ଷକ ନରସିଂହ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡିର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଶରଣକୁଳ,୨୮।୩(ଦୀପକ କର)



ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତା।

ଗୁରୁବାର ଶରଣକୁଳ ନିକଟ ମା' ଖାଡ଼େଶ୍ୱରୀଙ୍କ ପୀଠରେ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ପୁରୀ ଲୋକ ସଭା ପ୍ରାର୍ଥୀ ଓ ରଣପୁର ବିଧାନସଭା ପ୍ରାର୍ଥୀ ଆସନ୍ତା ନିର୍ବାଚନରେ କିପରି ଆଶାତୀତ ସଫଳତା ହାସଲ କରି ବିଜୟୀ ହେବେ ସେ ନେଇ ରଣକୌଶଳ ପ୍ରସ୍ତୁତ କରାଯିବା ସହିତ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ସଭାରେ ବିଜେଡିର ପୁରୀ ଲୋକ ସଭା ପ୍ରାର୍ଥୀ ଅରୂପ କୁମାର ପଟ୍ଟନାୟକ, ରଣପୁର ବିଧାୟକ ତଥା ବର୍ତ୍ତମାନର ରଣପୁର ବିଧାନସଭା ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନଙ୍କ ସହ ନୟାଗଡ଼ ବିଧାୟକ ତଥା ନୟାଗଡ଼ ବିଧାନସଭା ପ୍ରାର୍ଥୀ ଡ.ଅରୁଣ କୁମାର ସାହୁ, ବିଜେଡିରେ ଯୋଗ ଦେଇଥିବା ଇରାନୀ ରାୟଙ୍କ ସମେତ ଶରଣକୁଳ ଜିଲା ପରିଷଦ ସଭ୍ୟ ଚିନ୍ମୟୀ ଦାଶ ଓ ଗୋଡିପଡା ଜିଲା ପରିଷଦ ସଭ୍ୟ ସଂଯୁକ୍ତା ପଢ଼ିହାରୀ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଶରଣକୁଳର ଆରାଧ୍ୟ ଶ୍ରୀ ଲଡୁକେଶ ମହେଶ ଓ ମା' ଖାଡ଼େଶ୍ୱରୀଙ୍କ ଦର୍ଶନ କରିବା ପରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ବିଜେଡିର ପ୍ରାର୍ଥୀମାନଙ୍କୁ ବିଜୟୀ କରିବା ପାଇଁ କର୍ମୀ ଓ ନେତାମାନଙ୍କୁ ଆହ୍ୱାନ କରିଥିଲେ। ଡ. ଅରୁଣ ସାହୁ ନବୀନ ପଟ୍ଟନାୟକଙ୍କ ବିକାଶ ଓ ନୂଆ ଓଡ଼ିଶାକୁ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପୁରୀ ଲୋକ ସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ରଣପୁର ବିଧାନସଭା ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନଙ୍କୁ ବିପୁଳ ଭୋଟ ବ୍ୟବଧାନରେ ଜିତାଇବା ବୋଲି କାର୍ଯ୍ୟକର୍ତ୍ତାଙ୍କୁ କହିଥିଲେ। ଲୋକ ସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ଉଦ୍‌ବୋଧନ ଦେଇ ସମସ୍ତ କାର୍ଯ୍ୟକର୍ତ୍ତା ଓ କର୍ମୀ ଏକାଠି ହୋଇ ଦଳ ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ରଣପୁର ବ୍ଲକ୍ ଅଧୀନ ୧୮ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟଙ୍କ ସହ ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବାଇକ୍ ଉପରକୁ ଡେଇଁପଡ଼ିଲା ମାଙ୍କଡ଼

## ତାଲକଣିର ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ

ନୟାଗଡ଼/ରଣପୁର,୨୮।୩(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)



ରଣପୁର ବ୍ଲକ ଅଡାଲ ତାଲକଣି ରାସ୍ତାର ଅଡାଲ ଗାଁ ନିକଟରେ ଗୁରୁବାର ଅପରାହ୍ନରେ ବାଇକ୍ ଉପରକୁ ମାଙ୍କଡ଼ ଡେଇଁ ପଡିବାରୁ ତାଲକଣି ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୀନବନ୍ଧୁ ବରାଡ(ବାଙ୍କ) (୫୭)ଙ୍କ ମୃତ୍ୟୁ ଘଟିଛି। ଦୀନବନ୍ଧୁ ଗୁରୁବାର କୌଣସି କାମରେ ରଣପୁରକୁ ଆସିଥିଲେ। ଅପରାହ୍ନରେ ଘରକୁ ଫେରୁଥିବାବେଳେ ଅଡାଲ ଗାଁ ନିକଟରେ ଗଛରୁ ବାଇକ୍ ଉପରକୁ ଏକ ମାଙ୍କଡ଼ ଲମ୍ଫ ପ୍ରଦାନ କରିଥିଲା। ବାଇକଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଖସି ପଡ଼ିଥିଲା। ଘଟଣାସ୍ଥଳରେ ଦୀନବନ୍ଧୁ ଗୁରୁତର ହୋଇଥିଲେ। ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ଏହାପରେ ୬ନମ୍ବର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରଣପୁର ଓ ତାକଣି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଦୀନବନ୍ଧୁଙ୍କ ମୃତଦେହକୁ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଦୀନବନ୍ଧୁ କୁଳାସର ପଞ୍ଚାୟତରେ ପ୍ରଥମେ ସମିତି ସଭ୍ୟ ହୋଇ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୧୯୯୨ରେ କୁଳାସରୁ ତାଲକଣି ଅଲଗା ହୋଇ ପଞ୍ଚାୟତର ମାନ୍ୟତା ପାଇବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ସେ ଲାଗତାର ଭାବେ ୩ ଥର ତାଲକଣିରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ।

# ସମୃଦ୍ଧ ଦେଶ ଗଠନରେ ମହିଳାଙ୍କ ଭୂମିକା ଶୀର୍ଷକ କର୍ମଶାଳା

ଖଣ୍ଡପଡ଼ା,୨୮।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳ ସ୍ଥିତ ମହିଳା କନିଷ୍ଠ ମହାବିଦ୍ୟାଳୟ ପରିସରରେ ଗୁରୁବାର ସମୃଦ୍ଧ ଦେଶ ଗଠନରେ ମହିଳାଙ୍କ ଭୂମିକା ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କୁ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅନୁଷ୍ଠାନର ରେଡ ରିବନ କ୍ଲବ ଯୁକ୍ତ ୨ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ବିଷୟ ବିଶାରଦ ଭାବେ ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ ଯୋଗଦେଇ ଦେଶର ବିକାଶ ତଥା ଜାତିର ଉନ୍ନତି ପାଇଁ ଜଣେ ମହିଳାଙ୍କ ଭୂମିକା ବେଶ୍ ମହତ୍ୱପୂର୍ଣ୍ଣ। ସଶକ୍ତ ମହିଳା ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ସମାଜକୁ ଦିଗ୍ ଦର୍ଶନ ଦେଇ ପାରିବ ବୋଲି ଉପସ୍ଥିତ ଛାତ୍ରୀମାନଙ୍କୁ କହିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷା କୃଷ୍ଣପ୍ରିୟା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅଧାପିକା ବିଶ୍ୱ ଭାରତୀ ମହାରଣା ସଂଯୋଜନା କରିଥିବା ବେଳେ ରେଡ ରିବନ କ୍ଲବ ତଥା ଯୁଥ ରେଡ୍‌କ୍ରସ ଉପଦେଷ୍ଟା ଅଧାପିକା ଜାହ୍ନବୀ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀ ସୀମା ରଥ, ନର୍ମଦା ସାହୁ ଓ ବର୍ଷା ରାଉତ କର୍ମଶାଳାରେ ଅଂଶ ଗ୍ରହଣ କରି ମତାମତ ରଖିଥିଲେ। ଯୁକ୍ତ ୨ ମହାବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧାପିକା ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ରେଡ ରିବନ କ୍ଲବ ପକ୍ଷରୁ ଚଳିତ ମାସ ୩୦ ତାରିଖରେ ଏକ ଏଚଆଇଭି(ଏଡ୍‌ସ) ସଚେତନତା ଆଲୋଚନା ଚକ୍ର ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ୨୦୦୧ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ଭାପୁର,୨୮।୩(ଭରତ କୁମାର ବେହେରା)



ବିଦ୍ୟାଳୟର ଶିକ୍ଷକଙ୍କ ଗହଣରେ ପୁରାତନ ଛାତ୍ରୀଛାତ୍ର।

ନୟାଗଡ଼ ଜିଲା ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ଅନ୍ତର୍ଗତ ତରବାଲୋ ନୀଳକଣ୍ଠ ପ୍ରସାଦ ହାଇସ୍କୁଲ ୨୦୦୧ ମାଟ୍ରିକ ବ୍ୟାଚ୍ର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଦିବାକର ପାଲ୍‌ଟାସିଂ, ଅନନ୍ତ ପଢ଼ିହାରୀ,ସଞ୍ଜୟ କୁମାର ନିକାପ, ବିରଞ୍ଚି ନାରାୟଣ ପ୍ରଧାନ, ସଞ୍ଜୟ କୁମାର ସେଠୀ ପ୍ରମୁଖ ପୁରାତନ ଛାତ୍ରଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃପାସିନ୍ଧୁ ଚଣ୍ଡ, ଶିକ୍ଷକ ରବିନାରାୟଣ ମିଶ୍ର, ପଞ୍ଚାନନ ମହାପାତ୍ର, ଶିଶିର କୁମାର ପାତ୍ର, ନମଦେବ ମହାପାତ୍ର ଓ ରମେଶ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ଉନ୍ନତି ପାଇଁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ସତ୍ୟ ପଣ୍ଡା, ବିଜୟ ସାମନ୍ତରାୟ, କାହ୍ନୁଚରଣ ପ୍ରଧାନ, ସନ୍ତୋଷ ସାହୁ, ତ୍ରିନାଥ ନାୟକ, ସନ୍ତୋଷ ପ୍ରଧାନ, ବିଦ୍ୟୁତ୍‌ପ୍ରଭା ସାମନ୍ତରାୟ, ସୌଦାମିନୀ ପଣ୍ଡା, ଅଞ୍ଜଳି ନାୟକ, ରଶ୍ମିତା ପ୍ରଧାନ, ରମାମଣି ନାୟକ, ଅନୁପମା ସେଠୀ, ଉର୍ମିଳା ପ୍ରଧାନ, ଜୟନ୍ତୀ ସାମନ୍ତରାୟ, ମଞ୍ଜୁଲତା ଦାଶ, ଅଶାନ୍ତି ନାୟକ, ନଳିନୀ ସେଠୀ, ସବିତା ନାୟକ ଓ ସୁଲୋଚନା ବଳିୟାରସିଂହ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବସନ୍ତପୁରରେ ୩ ଦୋଳ ଆରମ୍ଭ



ଖଣ୍ଡପଡ଼ା,୨୮।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳୀପୁର ପଞ୍ଚାୟତସ୍ଥିତ ବସନ୍ତପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ୩ଦୋଳ ଉତ୍ସବ ଆରମ୍ଭ ହୋଇଛି। ରାତିରେ ଗ୍ରାମବାସୀ ଏକ ବିରାଟ ପାଟପଟୁଆରରେ ଧଳାବନ୍ଧ ଗ୍ରାମର ତାରେଶ୍ୱର ମହାଦେବ, ବସନ୍ତପୁର ଗ୍ରାମର ଚନ୍ଦ୍ରଶେଖରଙ୍କ ସହ ହନୁମାନ ଓ ରଘୁନାଥ ଏବଂ ନିମପାଟଣା ଗ୍ରାମର ବାବା ଠାକୁରଙ୍କୁ ପାରମ୍ପରିକ ରୀତିରେ ସ୍ୱାଗତ କରିବା ସହିତ ଯାତ୍ରା ପଡିଆରେ ପହଞ୍ଚିଥିଲେ। ଶୁକ୍ରବାର ଏହି ଉତ୍ସବ ସମାପ୍ତ ହେବାକୁ ଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାତିରେ ପୌରାଣିକ ନାଟକ ମଞ୍ଚସ୍ଥ ହେବ ବୋଲି ଆୟୋଜକ ଗ୍ରାମବାସୀଙ୍କ ସୂତ୍ରରୁ ସୂଚନା ମିଳିଛି।

# ଦଶପଲ୍ଲାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଦଶପଲ୍ଲା,୨୮।୩(ପ୍ରକାଶ କୁମାର ପାଣି)

ସାଧାରଣ ନିର୍ବାଚନ ଘୋଷଣା ପରେ ଦଶପଲ୍ଲାରେ ଶାନ୍ତିଶୃଙ୍ଖଳା ଉପରେ ପୋଲିସ ନଜର ରଖିଛି। ନିର୍ବାଚନ ପରିଚାଳନା ନିମନ୍ତେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି। ଏହି ଫ୍ଲାଗ୍‌ମାର୍ଚ୍ଚ ଦଶପଲ୍ଲା ବିଭିନ୍ନ ନଗର ପରିକ୍ରମା କରି ସ୍ଥାନୀୟ ତ୍ରିନାଥ ବଜାର ଯାଏ ଯାଇଥିଲା। ସେଠାରୁ ଦଶପଲ୍ଲା ଥାନା ପର୍ଯ୍ୟନ୍ତ ଆସିଥିଲା। ଦଶପଲ୍ଲା ଥାନା ଆଇଆଇସି ମୁକେଶ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇ ସ୍ନେହଲତା ପ୍ରଧାନ, ନିକିତି ତ୍ରିପାଠୀ, ଟି.କେ. ପଟ୍ଟନାୟକ, ଜୟ ଚନ୍ଦ୍ର ବେହେରା, ଅରୁଣ ଜେନା,ଶିବ ପ୍ରସାଦ ପ୍ରଧାନଙ୍କ ସମେତ ଦଶପଲ୍ଲା ଥାନାର କର୍ମଚାରୀ ଏବଂ ନୟାଗଡ଼ ଜିଲାର ଶତାଧିକ ପୋଲିସ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ବିଭିନ୍ନ ସମୟରେ ଏହିପରି ଫ୍ଲାଗ୍‌ମାର୍ଚ୍ଚ ଚାଲୁରହିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।



ନିର୍ବାଚନ ଘୋଷଣା ପରେ ଦଶପଲ୍ଲାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ।

# ଜଳସାଥୀ ସମ୍ଭାଳିବେ ବିଶୋଧନାଗାର

## ଭୁବନେଶ୍ୱରରେ ତାଲିମ ନେଇ ଫେରିଲେ ୩୦

ବ୍ରହ୍ମପୁର,୨୮।୩(ଅଶୋକ କୁମାର ସାହୁ)

ରାଜ୍ୟ ଜଳ ନିଗମ (ୱାଟକୋ) ପକ୍ଷରୁ ବ୍ରହ୍ମପୁର ସହରରେ ୨୪ ଘଣ୍ଟିଆ ଜଳଯୋଗାଣ ଜାରି ରହିଛି। ଡ୍ରିଙ୍କ ଫ୍ରମ ଟ୍ୟାପ ଯୋଜନାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ସେବା ମାସେ ହେଲା ଉଦଘାଟିତ ହୋଇଛି। ଜଳଟିକସ ଆଦାୟ କରିବା ଦାୟିତ୍ୱ ଜଳସାଥୀମାନଙ୍କୁ ଦିଆଯାଇଥିବାବେଳେ ଏବେ ସରକାର ଜଳ ବିଶୋଧନାଗାର ସମ୍ଭାଳିବା ଦାୟିତ୍ୱ ସେମାନଙ୍କୁ ଦେଇଛନ୍ତି, ଯାହାକି ଓଡ଼ିଶାରେ ପ୍ରଥମ ବୋଲି ୱାଟକୋ ପକ୍ଷରୁ ସୂଚନା ମିଳିଛି।

ଜାନିବିଲି ମେଗା ଜଳ ଯୋଗାଣ ପ୍ରକଳ୍ପରୁ ସହରକୁ ଜଳ ଯୋଗାଣ ହେଉଛି। ଏଥିପାଇଁ ଜିଲାର ଦକ୍ଷିଣପୁର ଓ ଜଗଦଳପୁରରେ ଦୁଇଟି ଜଳ ବିଶୋଧନାଗାର ରହିଛି। ଦକ୍ଷିଣପୁର ପ୍ଲାଣ୍ଟରେ ଦିନକୁ ୩୦ ମିଲିୟନ ଲିଟର ପାଣି ବିଶୋଧନ ହେଉଥିବାବେଳେ ଜଗଦଳପୁର ପ୍ଲାଣ୍ଟରେ ଦିନକୁ ୬୦ ମିଲିୟନ ଲିଟର ଜଳ ବିଶୋଧନ ହୋଇପାରୁଛି। ଦକ୍ଷିଣ ଓଡ଼ିଶାର ଏହା ସର୍ବବୃହତ ପ୍ଲାଣ୍ଟ ବୋଲି କୁହାଯାଉଛି। ଏହି ଦୁଇ ପ୍ଲାଣ୍ଟରେ ଜଳ ବିଶୋଧନ କରାଯାଇ ସହରକୁ ଯୋଗାଣ କରାଯାଉଛି। ୱାଟକୋ ପକ୍ଷରୁ ସହରରେ ଅଟୋମେଶନ ପ୍ରକଳ୍ପ ଜରିଆରେ ୫୫ ହଜାର୨୬୧ ପରିବାରକୁ ପାଇପ ଜଳ ଯୋଗାଣ କରାଯାଉଛି। ତେବେ ସମ୍ପୃକ୍ତ ପରିବାରକୁ କିଭଳି ବିଶୁଦ୍ଧ ଜଳ ଯୋଗାଣ କରାଯିବ ସେଥିପାଇଁ ୱାଟକୋ ଓ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ମିଳିତ ଭାବେ ଆଉ ଏକ ପଦକ୍ଷେପ ନିଆଯାଇଛି। ପୂର୍ବରୁ ଏଲ ଆଣ୍ଡ ଟି କମ୍ପାନୀ ହାତରେ ଥିବା ବିଶୋଧନାଗାର ପରିଚାଳନା ଦାୟିତ୍ୱ ମିଶନଶକ୍ତିକୁ ଅର୍ପଣ କରାଯାଇଛି। ମିଶନଶକ୍ତିରେ ଜଡିତ ସିଟି ଲେଭଲ ଫେଡେରେଶନ (ସିଏଲଏଫ) 'ଅଗ୍ରତା' ସହ କେବଳ ଜଗଦଳପୁର ଜଳ ବିଶୋଧନାଗାରର ପରିଚାଳନା ନେଇ ବୁଝାମଣା ପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। ବିଏମ୍‌ସି ପକ୍ଷରୁ ନିଯୁକ୍ତ ଜଳସାଥୀଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯିବ। ସହରରେ ଥିବା ୫୮ ଜଳସାଥିଙ୍କ ମଧ୍ୟରୁ ୩୦ ଜଣଙ୍କୁ ଏନେଇ ତାଲିମ ଦିଆଯାଇଛି। ଗତ ୧୧ ତାରିଖରେ ଜଳସାଥୀମାନେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଅର୍ବାନ ଏକାଡେମୀକୁ ଯାଇ ୧୨ ଦିନିଆ ତାଲିମ ନେଇ ଗତ ୨୩ ତାରିଖ ବ୍ରହ୍ମପୁର ଫେରିଛନ୍ତି। ଏ ସଂକ୍ରାନ୍ତରେ 'ଅଗ୍ରତା'ର ସଭାନେତ୍ରୀ ଭାଗ୍ୟଶ୍ରୀ ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି, ଚଳିତ ମାସରେ କେବଳ ଜଗଦଳପୁର ଜଳ ବିଶୋଧନାଗାରର ଦାୟିତ୍ୱ ମିଳିଛି। ବିଏମସି କମିଶନର ଭବାନୀ ପ୍ରସାଦ ମିଶ୍ର, ୱାଟକୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ପ୍ରଦୀପ୍ତ କୁମାର ସ୍ୱାଇଁ, ଚିଫ ଅପରେଟିଂ ଅଫିସର ଇଂ. ସୀତାରାମ ପଣ୍ଡା, ଜେନେରାଲ ମ୍ୟାନେଜର ଇଂ. ବିକାଶ ଚନ୍ଦ୍ର ପାଢ଼ୀ ଓ ଅଗ୍ରତାର ସମ୍ପାଦିକା ବବିତା ପାଢ଼ୀଙ୍କ ଉପସ୍ଥିତିରେ ଆଭାସୀ ମାଧ୍ୟମରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ସରକାର ମିଶନ ଶକ୍ତି ମହିଳାମାନଙ୍କୁ କିଭଳି ସଶକ୍ତ କରିବେ ସେଥିନେଇ ପଦକ୍ଷେପ ନେଉଛନ୍ତି। ଉକ୍ତ କାର୍ଯ୍ୟ ପାଇଁ ଜଳସାଥୀମାନଙ୍କୁ ୱାଟକୋ ପକ୍ଷରୁ ଯାହା ପାରିଶ୍ରମିକ ମିଳିବ ତାହା ଅଗ୍ରତା ଜରିଆରେ ସେମାନଙ୍କୁ ପୈଠ କରାଯିବ ବୋଲି ସୂଚନା ଦେଇଛନ୍ତି। ସରକାର ଏତେ ବଡ ଦାୟିତ୍ୱ ଦେଇଥିବାରୁ ତାହା କିଭଳି ସୁଚାରୁ ରୂପେ ପରିଚାଳନା କରାଯିବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

# ରାତିସାରା ଚାଲିଛି ମୋରମ ଲୁଟ୍

- ଭିସିଆଇ, ରେଙ୍ଗାଲି ପ୍ରକଳ୍ପ କେନାଲ ନିକଟରୁ ଚୋରାଚାଲାଣ
- ଜବତ ଗାଡ଼ି ମୂଲଚାଲ ପରେ ପାର୍
- ନକଲି ଟିପି ବ୍ୟବହାର, ରାଜସ୍ୱହାନି ବଢ଼ୁଛି
- ଲଘୁ ଖଣି ବିଭାଗର କାର୍ଯ୍ୟ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ


ରେଙ୍ଗାଲି ଡ୍ୟାମ୍ କେନାଲ ପାର୍ଶ୍ୱରୁ ମୋରମ୍ ଲୁଟ୍ ଚାଲିଛି ।

ଯାଜପୁର/କୋରେଇ(ହର୍ଷବର୍ଦ୍ଧନ ବେହେରା/ଚନ୍ଦ୍ରକାନ୍ତ ପତି),୨୮।୩ :

ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ କାରବାରକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ରାଜସ୍ୱ ବିଭାଗଠାରୁ ଖଣି ବିଭାଗକୁ ଦାୟିତ୍ୱ ହସ୍ତାନ୍ତର ହୋଇଛି। ଏହି କ୍ରମରେ ରାଜ୍ୟ ସରକାର ଲଘୁ ଖଣି ନିର୍ଦ୍ଦେଶାଳୟ ବିଭାଗ ସ୍ଥାପନ କରିବା ସହ ପ୍ରାୟ ୧ ବର୍ଷ ହେବ ଯାଜପୁର ଜିଲାରେ ଲଘୁ ଖଣି ଉପନିର୍ଦ୍ଦେଶାଳୟ (ଡିଡିଏମ୍) କାର୍ଯ୍ୟାଳୟ ଆରମ୍ଭ କରାଯାଇଛି। ହେଲେ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ କାରବାର ନିୟନ୍ତ୍ରଣ ହେବା ସ୍ଥଳେ ଆହୁରି ଅଣାୟତ୍ତ ହେଉଥିବା ଚର୍ଚ୍ଚା ହେଉଛି। ଜିଲାରେ କଳାପଥର, ବାଲି ଓ ମୋରମ ଲୁଟ୍ ଅଭିଯୋଗ ଥମିବାର ନାଁ ଧରୁନାହିଁ। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଭିସିଆଇ କେମିକାଲ ଇଣ୍ଡଷ୍ଟ୍ରିଜ୍ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ଇଡ୍‌କୋ ଠାରୁ ଜମି ନେଇ ରାତିସାରା ମୋରମ ଚୋରାଚାଲାଣ କରୁଥିବା ଅଭିଯୋଗ ହୋଇଛି। ଏହାସହ ବ୍ୟାସନଗର ତହସିଲ ଅନ୍ତର୍ଗତ ଅନ୍ଧାରୀ ପଞ୍ଚାୟତର କିଆପଦା ଓ ପାଟରଙ୍ଗା ପଞ୍ଚାୟତ ମଧ୍ୟରେ ଚାଲୁଥିବା ରେଙ୍ଗାଲି ବହୁମୁଖୀ ପ୍ରକଳ୍ପ କେନାଲ ନିକଟରୁ ବିପୁଳ ମୋରମ ଚୋରା ଚାଲାଣ ହେଉଛି । କେତେକାଂଶରେ ଧରପଗଡ଼ ହେଉଥିଲେ ହେଁ ମୋରମ ବ୍ୟବସାୟୀଙ୍କ ସହ ସୁଲାସୁତୁରା କରି ପରବର୍ତ୍ତୀ ସମୟରେ ଗାଡ଼ିଗୁଡ଼ିକୁ ଛାଡି ଦିଆଯାଉଥିବା ନଜିର ରହିଛି। ଉପରୋକ୍ତ ଦୁଇ ସ୍ଥାନରୁ ପ୍ରାୟ ୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପରିମାଣର ମୋରମ ଲୁଟ୍ ହୋଇ ସାରିଥିଲେ ହେଁ ଲଘୁ ଖଣି ବିଭାଗ ହାତରେ ହାତ ଦେଇ ବସି ରହିଥିବା ମତପ୍ରକାଶ ପାଇଛି। ଫଳରେ ଲଘୁ ଖଣି ଉପନିର୍ଦ୍ଦେଶାଳୟର ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତା ଓ ସ୍ୱଚ୍ଛତା ନେଇ ସାଧାରଣରେ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି। ଆଗାମୀ ସାଧାରଣ ନିର୍ବାଚନରେ ଏହାର ନକରାତ୍ମକ ପ୍ରଭାବ ପଡିପାରେ ବୋଲି ମତପ୍ରକାଶ ପାଇଛି।

ଲଘୁ ଖଣିଜ ଦ୍ରବ୍ୟ ଯେବେଠୁ ଖଣି ବିଭାଗ ହାତକୁ ଯାଇଛି ସେବେଠୁ ତହସିଲ କର୍ମଚାରୀମାନଙ୍କ ଭାଗ୍ୟ ପରିବର୍ତ୍ତନ ହେବା ଭଳି ମନେ ହେଉଛି । ବ୍ୟବସାୟୀଙ୍କୁ ସହଯୋଗ କରି ରାଜସ୍ୱ ବିଭାଗ କର୍ମଚାରୀମାନେ ଦରମା ବାହାରେ ବିପୁଳ ଅର୍ଥ ଉପାର୍ଜନ କରୁଥିବା ଚର୍ଚ୍ଚା ହେଉଛି। ବିଶେଷ କରି ବ୍ୟାସନଗର ତହସିଲ ଅଞ୍ଚଳରେ ଏହି ଚେର ତଳୁ ଉପର ଯାଏଁ ଲମ୍ବିଥିବା ମତପ୍ରକାଶ ପାଇଛି । ଏହି ତହସିଲ ଅଧୀନ ପଛିକୋଟ ଆରଆଇ ସର୍କଲର ଆଖପାଖ ଅଞ୍ଚଳରେ ଜଙ୍ଗଲ ଓ ସରକାରୀ ଜମିରୁ ରୀତିମତ ମୋରମ ଚୋରି ହେଉଥିବା ଅଭିଯୋଗ ହେଉଛି । ହେଲେ ରାଜସ୍ୱ ବିଭାଗ କିମ୍ବା ଖଣି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ।

ସୂଚନା ଅନୁଯାୟୀ, କୋରେଇ ବ୍ଲକ ଅଧୀନ ଅନ୍ଧାରୀ ପଞ୍ଚାୟତର କିଆପଦା ଓ ପାଟରଙ୍ଗା ପଞ୍ଚାୟତ ମଧ୍ୟରେ ଚାଲୁଥିବା ରେଙ୍ଗାଲୀ ବହୁମୁଖୀ ପ୍ରକଳ୍ପର କେନାଲ ନିକଟରୁ ବେଆଇନ ଭାବେ ବିପୁଳ ମୋରମ ଚୋରା ଚାଲାଣ ହେଉଛି। ବ୍ରାହ୍ମଣୀ ନଦୀ ଉପରେ ଜାପାନ ଇଣ୍ଟରନ୍ୟାଶନାଲ କୋଅପରେଟିଭ ଏଜେନ୍ସି (ଜେଆଇସିକେ) ବା ଜାଇକା ଅଧୀନରେ ଚାଲୁଥିବା ବାମପାର୍ଶ୍ୱ ବହୁମୁଖୀ ରେଙ୍ଗାଲୀ ପ୍ରକଳ୍ପ ପାଇଁ କୋରାବନ୍ଦୀ ରାଇସ୍ ମିଲ ନିକଟରେ ମୋରମ ଖନନ କରାଯାଇ କେନାଲର ଦୁଇପାର୍ଶ୍ୱରେ ରାସ୍ତା ନିର୍ମାଣ ପାଇଁ ମହଜୁଦ ରଖାଯାଉଛି । ଏହାକୁ ସ୍ଥାନାନ୍ତରିତ କରିବାକୁ ସରକାରୀସ୍ତରରେ କୌଣସି ଲିଜ୍ ଦିଆଯାଇନାହିଁ । ପରିତାପର ବିଷୟ ସମ୍ପୃକ୍ତ ଠିକାସଂସ୍ଥାର କିଛି କର୍ମଚାରୀଙ୍କୁ ହାତକରି ସ୍ଥାନୀୟ କେତେଜଣ ମୋରମ ବ୍ୟବସାୟ ପ୍ରୋକେଲିନ ସାହାଯ୍ୟରେ ରାତି ତମାମ ମହଜୁଦ ଥିବା ମୋରମକୁ ହାଇୱା ଯୋଗେ ଜିଲା ବାହାରକୁ ଚୋରା ଚାଲାଣ କରୁଛନ୍ତି । ଏଥିପାଇଁ କେନ୍ଦୁଝରର ଜିଲାର ନକଲି ଟ୍ରାନ୍‌ଜିଟ୍ ପାସ୍ ( ଟିପି ) ବ୍ୟବହାର ହେଉଛି। ଏଥିରେ ବ୍ୟାସନଗର ତହସିଲର କେତେକ କର୍ମଚାରୀଙ୍କ ସମ୍ପୃକ୍ତି ଥିବା କୁହାଯାଉଛି। ଗୁରୁବାର ସନ୍ଧ୍ୟାରେ ବ୍ୟାସନଗର ତହସିଲଦାର କୋରାବନ୍ଦୀ ରାଇସ୍‌ମିଲ ନିକଟରେ ଚଢ଼ାଉ କରି ୨ ମୋରମ ବୋଝେଇ ଡମ୍ଫର ଗାଡ଼ି ଜବତ କରିଥିଲେ। ପରବର୍ତ୍ତୀ ସମୟରେ ଏକ ବଡ଼ଧରଣର ମୂଲଚାଲ କରି ଜବତ ମୋରମ ବୋଝେଇ ଗାଡ଼ିଗୁଡ଼ିକୁ ଛାଡି ଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଦାନଗଦି ତହସିଲ ଅନ୍ତର୍ଗତ ଯଖପୁରା ମୌଜା ଅଞ୍ଚଳରୁ ଭିସିଆଇ କମ୍ପାନୀ କାରଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ ନ କରି ମିଳିଥିବା ୧୫ ଏକର ସରକାରୀ ସରକାରୀ ଜମିରୁ ବିପୁଳ ପରିମାଣର ମୋରମ ଖନନ କରି ବିନା ଟିପିରେ ରାତିସାରା ବାହାରକୁ ଚାଲାଣ କରୁଥିବା ଅଭିଯୋଗ ହୋଇଛି।

ଏନେଇ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ରାତି ସମୟରେ ପୋଲିସ ସହାୟତାରେ ଚଢ଼ାଉ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯୋଜନା କରାଯାଉଛି। କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ପରଠାରୁ ବିଭାଗୀୟ କର୍ମଚାରୀମାନେ ବିଭିନ୍ନ ପଦକ୍ଷେପ ଗ୍ରହଣ କରି ସ୍ୱଚ୍ଛତାର ସହ କାର୍ଯ୍ୟ କରି ଆସୁଛନ୍ତି।

## ଗଣତନ୍ତ୍ର ସୁରକ୍ଷା ପାଇଁ ଏଏପିର ଦିନିକିଆ ଉପବାସ


ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଦିନିକିଆ ଉପବାସ କାର୍ଯ୍ୟକ୍ରମରେ ଯୋଗଦେଇଥିବା କର୍ମୀମାନେ ।

କେନ୍ଦ୍ରାପଡ଼ା, ୨୮।୩ (ଜଗନ୍ନାଥ ଧଳ)

କେନ୍ଦ୍ର ଶାସନାଧୀନ ଭାଜପା ସରକାର ସମ୍ପ୍ରତି ଦୈନିକ ଦେଶର ସମ୍ବିଧାନକୁ ଉପହାସ କରୁଛି। ଭୋଟ ରାଜନୀତି ପାଇଁ ଇଡି, ସିବିଆଇକୁ ବ୍ୟବହାର କରି ଲୋକ ପ୍ରତିନିଧିଙ୍କୁ ମିଛରେ ଜେଲରେ ପୂରାଉଛନ୍ତି। ଏପରି ଅଭିଯୋଗ ଆଣି ଗଣତନ୍ତ୍ରର ସୁରକ୍ଷା ପାଇଁ କେନ୍ଦ୍ରାପଡ଼ା ଜିଲା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଦିନିକିଆ ଉପବାସ ଗୁରୁବାର କରିଛନ୍ତି। ସହରର ହାଇସ୍କୁଲ ପଡିଆସ୍ଥିତ ଆମ୍ବେଦକର ପ୍ରତିମୂର୍ତ୍ତି ନିକଟରେ କର୍ମକର୍ତ୍ତା ଓ ସଦସ୍ୟମାନେ ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଉପବାସରେ ରହିଥିଲେ। ଏ ସମ୍ପର୍କରେ ଜିଲା ସଭାପତି ସନ୍ଦିପ୍ତ ଦାସ କହିଛନ୍ତି, ଭାଜପାଶାସିତ ରାଜ୍ୟ, ମିତ୍ରଦଳ ଦ୍ୱାରା ଶାସିତ ରାଜ୍ୟ ସହ କେନ୍ଦ୍ର ସରକାରରେ ବ୍ୟାପକ ଦୁର୍ନୀତି ହୋଇଛି। ଏହାର ପ୍ରମାଣ ଥିଲେ ମଧ୍ୟ କେନ୍ଦ୍ରୀୟ ତଦନ୍ତକାରୀ ଦଳ ଏଥିପ୍ରତି ନଜର ଦେଉନାହାନ୍ତି। ମାତ୍ର ବିରୋଧୀ ଦଳର ଲୋକ ପ୍ରତିନିଧିଙ୍କୁ ଏହି ତଦନ୍ତକାରୀ ଦଳ ମିଥ୍ୟା ଅଭିଯୋଗରେ ଗିରଫ କରୁଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅରବିନ୍ଦ କେଜ୍‌ରିୱାଲଙ୍କୁ ଗିରଫ କରିବା ଏକ ବଡ଼ ପ୍ରମାଣ ଭାବେ ଉଭା ହୋଇଛି। ଆସନ୍ତା ସାଧାରଣ ନିର୍ବାଚନରେ ଏଏପିର କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତା ଭାଜପାକୁ ଅଡୁଆ ହୋଇଥିଲା। ଦିଲ୍ଲୀ ରାଜନୀତିକୁ କବ୍‌ଜା କରିବା ପାଇଁ ଭାଜପା ସରକାର ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କୁ ଗିରଫ କରିଛନ୍ତି। କେବଳ କେଜ୍‌ରିୱାଲ ନୁହନ୍ତି, ଏହି ଦଳର ବରିଷ୍ଠ ନେତା ସଞ୍ଜୟ ସିଂ, ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଡିଆ, ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ଗିରଫ କରାଯାଇଛି। ସେହିପରି ରାଜ୍ୟପାଳଙ୍କ ମଧ୍ୟରେ ପଞ୍ଜାବ, ତାମିଲନାଡୁ, କେରଳ, କର୍ନାଟକରେ ନିର୍ବାଚିତ ସରକାରଙ୍କ ପାରିତ ବିଲ୍‌କୁ ସ୍ୱୀକୃତି ନ ଦେବା, ନିର୍ବାଚନ ଆୟୋଗ ନିଯୁକ୍ତି ପ୍ରକ୍ରିୟାକୁ ସରକାରଙ୍କ ଅଧୀନକୁ ନେବା, ଚଣ୍ଡିଗଡ଼ ଓ ଦିଲ୍ଲୀ ମେୟର ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କୁ ପରାଜିତ କରାଇବା ପରି ଘଟଣା ଏବେ ସାମ୍ବିଧାନିକ ସଙ୍କଟ ସୃଷ୍ଟି କରିଛି। ଏଥିସହ ନିର୍ବାଚନୀ ଚାନ୍ଦା ଭାଜପା ସରକାରଙ୍କ ବଡ଼ ଦୁର୍ନୀତି ବୋଲି ଜିଲା ଏଏପି ସଭାପତି ଦାସ ଦର୍ଶାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏଏପି କର୍ମକର୍ତ୍ତା ବାନାମ୍ବର ସାହୁ, ସୂର୍ଯ୍ୟକାନ୍ତ ପରିଡ଼ା, କୁମୁଦ ରାଉତ, ମନୋଜ ମହାନ୍ତି, ସାଗରିକା ଦାସ, ଲନମୁନ ନିଶା, ରୀନା ଅହମ୍ମଦ ପ୍ରମୁଖ ସାମିଲ ହୋଇଥିଲେ।

## ବ୍ରାଉନ୍‌ସୁଗାର କାରବାର: ୨ଭାଇ କୋର୍ଟ ଚାଲାଣ

ବାଲିକୁଦା,୨୮।୩(ତାପସ ସ୍ୱାଇଁ)

ବ୍ରାଉନସୁଗାର କାରବାର ଘଟଣାରେ ବାଲିସାହି ଗାଁର ସମୀର ନାୟକ ଓ ଭାଇ ମିହିର ନାୟକଙ୍କୁ ବାଲିକୁଦା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ବୁଧବାର ବାଲିକୁଦା ବସ୍‌ଷ୍ଟାଣ୍ଡରୁ ଉଭୟଙ୍କୁ ପୋଲିସ ଧରିଥିଲା। ଏହି ସମୟରେ ସେମାନଙ୍କ ପାଖରୁ ୧୧ ଗ୍ରାମର ବ୍ରାଉନ୍‌ସୁଗାର ଓ ଏକ ବାଇକ୍‌କୁ ପୋଲିସ ଜବତ କରିଥିଲା। ଅପରପକ୍ଷେ ଘଟଣାରେ ସାମିଲ ଥିବା ଅନ୍ୟତମ ସହଯୋଗୀ ବାହାରଣା ପଞ୍ଚାୟତ କଟିଜଙ୍ଗା ଗାଁର ଅଜୟ ମଲ୍ଲିକ ଓରଫ ହାପି ଫେରାର୍ ହୋଇଯିବାକୁ ସକ୍ଷମ ହୋଇଥିଲେ। ସମୀର, ମିହିର ଓ ହାପି ଏକ ବାଇକ୍‌ରେ ବାଉନ୍‌ସୁଗାର ନେଇ ଗ୍ରାହକଙ୍କ ପାଖକୁ ଯାଉଥିବା ଆଇଆଇସି ପ୍ରିୟବ୍ରତ ରାଉତ କୌଣସି ସୂତ୍ରରୁ ଖବରପାଇ ଏସ୍‌ଆଇ ପ୍ରଶାନ୍ତ ବେହେରା ଓ ଏ.ରାଜେସଙ୍କ ସମେତ ଅନ୍ୟ ୨ଜଣ କର୍ମଚାରୀଙ୍କୁ ପଠାଇ ଅଭିଯୁକ୍ତ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଲାଞ୍ଚ ନେବାବେଳେ ୨ ଗିରଫ

ପାରାଦୀପ,୨୮।୩(ଶରତ ରାଉତ)

**ପାରାଦୀପର ସ୍ୱତନ୍ତ୍ର ଭୂଅର୍ଜନ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ାଉ**

ଭିଜିଲାନ୍ସ ବିଭାଗ ଗୁରୁବାର ପାରାଦୀପର ମଧୁବନ ହାଉସିଂବୋର୍ଡରେ ଥିବା ସ୍ୱତନ୍ତ୍ର ଭୂଅର୍ଜନ କାର୍ଯ୍ୟାଳୟ ସମ୍ମୁଖରେ ୨ ଜଣଙ୍କୁ ଲାଞ୍ଚ ନେବାବେଳେ ଗିରଫ କରିଛି। ସେମାନଙ୍କଠାରୁ ଲାଞ୍ଚ ନେଇଥିବା ୪ ହଜାର ଟଙ୍କାକୁ ଜବତ କରିଛି। ଏ ନେଇ ନଂ. ୭/୨୪ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ହେଲେ ଠିକା ରାଜସ୍ୱ କର୍ମଚାରୀ ଗଣେଶ ମଲ୍ଲିକ ଓ ବାହାରେ ଦଲାଲି କରୁଥିବା କ୍ଷୀରୋଦ ରଥ। ଏମାନେ ଜମି ଅଧିଗ୍ରହଣ ଅର୍ଥ କରାଇ ଦେବା ଘଟଣାରେ ଜଣେ ବ୍ୟକ୍ତିଙ୍କଠାରୁ ଟଙ୍କା ନେଉଥିଲେ।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ବାଲିକୁଦା,୨୮।୩(ତାପସ ସ୍ୱାଇଁ)

ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ ନଳରା ଗାଁର ପ୍ରହଲ୍ଲାଦ ସ୍ୱାଇଁଙ୍କ ସ୍ତ୍ରୀ ପମିନା (୫୫) ଆତ୍ମହତ୍ୟା କରିଛନ୍ତି। ପାରିବାରିକ କଳହରୁ କୀଟ ନାଶକ ପିଇ ସେ ଆତ୍ମହତ୍ୟା କରିଥିବା ପୋଲିସ ସୂତ୍ରରୁ ପ୍ରକାଶ। ବିଷ ପିଇବା ପରେ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ପମିନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ସୌମେନ୍ଦ୍ର ନାୟକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ବାଲିକୁଦା ଥାନାରେ ରୁଜୁ ହୋଇଛି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦିଲୀପ


@ ସଞ୍ଜୟ


@ ସତ୍ୟନାରାୟଣ


@ ଶ୍ରୀଦତ୍ତ


@ ସୁରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଜେଡିରୁ ସତୀଶ ବିଶ୍ୱାଳଙ୍କ ଇସ୍ତଫା

**ଧର୍ମଶାଳା ଆସନରୁ ସ୍ୱାଧୀନ ପ୍ରାର୍ଥୀ ହେବେ**

ଧର୍ମଶାଳା,୨୮।୩(ବଟକୃଷ୍ଣ ପରିଡ଼ା):

ବିଜେଡିରୁ ଇସ୍ତଫା ଦେଇଛନ୍ତି ପୂର୍ବତନ ଜିଲା ପରିଷଦ ସଭ୍ୟ ସତୀଶ ବିଶ୍ୱାଳ। ସେ ଚଳିତ ନିର୍ବାଚନରେ ଧର୍ମଶାଳା ବିଧାନସଭା କ୍ଷେତ୍ରରୁ ବିଜେଡି ଟିକଟ ଆଶାୟୀଥିଲେ। ବୁଧବାର ଧର୍ମଶାଳା ବିଧାନସଭା କ୍ଷେତ୍ର ପାଇଁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନାଁ ଘୋଷଣା ପରେ ସତୀଶଙ୍କ ଆଶା ମଉଳି ଯାଇଛି। ଏନେଇ ସତୀଶ ଗୁରୁବାର ଜାରକାସ୍ଥିତ ପ୍ରୟାଗ ମଣ୍ଡପଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ତାଙ୍କ ଇସ୍ତଫା ସମ୍ପର୍କରେ ସୂଚନା ଦେଇଛନ୍ତି। ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ତାଙ୍କ ଇସ୍ତଫା ପତ୍ର ପଠାଇଥିବାବେଳେ ଧର୍ମଶାଳା ଆସନରୁ ସ୍ୱାଧୀନ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିଛନ୍ତି। ଦୀର୍ଘ ବର୍ଷ ଧରି ସେ ବିଜୁ ପରିବାରରେ ରହିଥିବାବେଳେ ତାଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ଆଣି ଇସ୍ତଫା ଦେଇଛନ୍ତି। ଅନ୍ୟପକ୍ଷରେ ତାଙ୍କ ଇସ୍ତଫା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ଧର୍ମଶାଳା ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି। ସେ କହିଛନ୍ତି, ସତୀଶ କେବେ ଦଳରେ ନ ଥିଲେ କି ଦଳର କୌଣସି କାର୍ଯ୍ୟକ୍ରମରେ ସାମିଲ ହୋଇ ନ ଥିଲେ। ଏଣୁ ତାଙ୍କ ଇସ୍ତଫା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଧର୍ମଶାଳାରେ ବିଜୁ ଜନତା ଦଳର ପ୍ରାର୍ଥୀ ବଳନ୍ତରାୟ ବହୁ ଭୋଟରେ ବିଜୟୀ ହେବେ ବୋଲି ସେ ପ୍ରକାଶ କରଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅଶୋକ ସାମଲ, ଦୟାନିଧି ରାଉତ, ସୁବାସ ସାହୁ, ଅଭୟ ସାମଲ ଓ କାର୍ତ୍ତିକ ସ୍ୱାଇଁ ପ୍ରମୁଖ ସତୀଶଙ୍କ ସମର୍ଥକମାନେ ଯୋଗ ଦେଇଥିଲେ।


ସତୀଶ ବିଶ୍ୱାଳଙ୍କ ଖବରଦାତା ସମ୍ମିଳନୀ।

## ମହିଳାଙ୍କୁ ରୋଜଗାରର ବାଟ ଦେଖାଇଛି ଛତୁଚାଷ

- ସାମିଲ ହୋଇଛନ୍ତି ରାଜନଗରର ୨୦୦ ପରିବାର
- ମାସକୁ ଅନ୍ୟୂନ ୭ ହଜାର ଟଙ୍କା ଘରକୁ ଆସୁଛି


ରାଜନଗର ପଦନୀ ଗ୍ରାମରେ ଥିବା ଏକ ଛତୁ ଫାର୍ମ ।

କେନ୍ଦ୍ରାପଡ଼ା, ୨୮।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ ନାହିଁ। ପର୍ଯ୍ୟଟନ ଶିଳ୍ପ ଓ କୃଷିଭିତ୍ତିକ ଶିଳ୍ପ ପାଇଁ ବାରମ୍ବାର ଦାବି ହେଉଛି। କର୍ମ ନିଯୁକ୍ତିକୁ ନେଇ ଜିଲାବାସୀ ସଂଘର୍ଷ କରୁଛନ୍ତି। ତେବେ ରାଜନଗରର କେତେଜଣ ଯୁବତୀ ଓ ମହିଳା ଛତୁଚାଷ କରି ସଫଳ ହୋଇଛନ୍ତି। ୨୦୦ରୁ ଊର୍ଦ୍ଧ୍ୱ ପରିବାରର ମହିଳାମାନେ ଏହି ଚାଷ କରି ମାସିକ ୭ ହଜାରରୁ ଅଧିକ ଟଙ୍କା ରୋଜଗାର କରୁଛନ୍ତି। କରୋନା ସଂକ୍ରମଣ ସମୟରେ ଛତୁଚାଷ ତାଙ୍କ ପାଇଁ ଆଶୀର୍ବାଦ ପାଲଟିଥିବା ସେମାନେ କହିଛନ୍ତି।

ରାଜନଗର ଅଞ୍ଚଳର ପଦନୀ ରାଉତ, ଅମିତା ଦାସ, ସ୍ୱର୍ଣ୍ଣଲତା ଦାସ, ସରସ୍ୱତୀ ବେହେରା ପ୍ରମୁଖ କହିଛନ୍ତି, ଜିଲାରେ କର୍ମନିଯୁକ୍ତି ଏକ ସ୍ୱପ୍ନ ପରି। ଏଥିପାଇଁ ଆନ୍ଧ୍ରପ୍ରଦେଶରେ ରହି ଏକ ଚିଙ୍ଗୁଡି ଘେରିରେ କାର୍ଯ୍ୟ କରୁଥିଲୁ। ତେବେ କରୋନା ସଂକ୍ରମଣ ଆରମ୍ଭ ହେବାରୁ ଚିଙ୍ଗୁଡ଼ି ଘେରି ବନ୍ଦ ହୋଇଗଲା। ଘରକୁ ଫେରିବା ପରେ ପରିବାର ଭରଣପୋଷଣ ଏକ ସମସ୍ୟା ହେଲା। ଏହି ସମୟରେ ଓଡ଼ିଶା ଜୀବିକା ମିଶନ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଗଠନ କରି ଛତୁଚାଷ ପାଇଁ ପ୍ରୋତ୍ସାହନ ମିଳୁଥିବା ନେଇ ଆଲୋଚନା ହେଲା। ଏ ନେଇ ଗ୍ରାମର ମହିଳା ଓ ଯୁବତୀ ଏକାଠି ହୋଇ ଛତୁଚାଷ କାର୍ଯ୍ୟରେ ଲାଗିଥିଲେ। ଛତୁ ଉତ୍ପାଦନ ପରେ ଏହାକୁ ବିକ୍ରି କରି ମାସକୁ ପ୍ରାୟ ୭ ହଜାର ଟଙ୍କା ରୋଜଗାର ହେଉଥିବା ସେମାନେ ପ୍ରକାଶ କରିଛନ୍ତି। ସେମାନେ କହିଥିଲେ ଯେ, ସାମ୍ପ୍ରତିକ ସମୟରେ ନିରାମିଷ ଖାଦ୍ୟ ପ୍ରତି ଲୋକଙ୍କ ରୁଚି ବଢ଼ିଛି। ଛତୁରେ ଲୌହସାର ସହ ପ୍ରଚୁର ଭିଟାମିନ ଅଛି। ଖାଦ୍ୟ ଭାବେ ଏହା ସଭିଙ୍କ ପ୍ରିୟ। ତେବେ ବର୍ଷସାରା ଛତୁ ମିଳୁ ନ ଥିବାରୁ ଲୋକମାନେ ବର୍ଷାଦିନ ପର୍ଯ୍ୟନ୍ତ ଅପେକ୍ଷା କରୁଥିଲେ। ଏସ୍‌ଏଚ୍‌ଜିଙ୍କ ପାଳଛତୁ ଉତ୍ପାଦନ ଏହି ସମସ୍ୟାର ସମାଧାନ କରିଛି। ଛତୁଚାଷ ନେଇ କେତେଜଣ ମହିଳା ୨୦୧୬ ମସିହାରେ ତାଲିମ ନେଇଥିଲେ। ଏହି ତାଲିମ କରୋନା ସଂକ୍ରମଣ ସମୟରେ କାମରେ ଲାଗିଛି। ଏହି ଚାଷ ରାଜନଗର ବ୍ଲକ ଅଞ୍ଚଳର କେତେକ ଗ୍ରାମରେ କୁଟୀର ଶିଳ୍ପ ପାଲଟିଛି। ବଜାରରେ ଏବେ ପାଳଛତୁ କିଗ୍ରା ପ୍ରତି ୨୦୦ରୁ ୨୨୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ଏହା ବ୍ୟତୀତ ବ୍ୟବସାୟୀମାନେ ଘର ନିକଟରୁ କିଲୋଗ୍ରାମ ପ୍ରତି ୧୮୦ ଟଙ୍କାରେ କିଣି ନେଉଛନ୍ତି। ଚାଷରେ ସମୟ ଅସମୟରେ କ୍ଷତି ହେଉଛି। ଦିନକୁ ଦୁଇଥର ବେଡ୍‌ରୁ ଛତୁ ତୋଳା ଯାଇ ବିକ୍ରି ନ ହେଲେ ନଷ୍ଟ ହେଉଛି। ବେଳେବେଳେ ଅଧା ଦାମରେ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ପଡୁଛି। ପ୍ରତି ପଞ୍ଚାୟତରେ ଏସ୍‌ଏଚ୍‌ଜିଙ୍କ ଉତ୍ପାଦ ବିକ୍ରି ପାଇଁ ମଣ୍ଡିଗୃହ ବ୍ୟବସ୍ଥା ହେଲେ ସମସ୍ୟାର କିଛି ମାତ୍ରାରେ ସମାଧାନ ହେବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ରଙ୍କୁ ଏ ସମ୍ପର୍କରେ ପଚାରିବାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଛତୁ ଫାର୍ମ ପାଇଁ ଆବଶ୍ୟକ ତାଲିମ ସହ ଜୀବିକା ମିଶନରେ ସବ୍‌ସିଡି ସହ ଋଣ ଅର୍ଥ ଯୋଗାଇ ଦିଆଯାଉଛି। ଏହା ଦ୍ୱାରା କର୍ମନିଯୁକ୍ତି ସହ ମହିଳାମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି ବୋଲି ସେ କହିଛନ୍ତି। ମିଶନ ଶକ୍ତି ପ୍ରକଳ୍ପ ପରିଚାଳକ କୈଳାସ ସେନାପତିଙ୍କୁ ପଚାରିବାରେ ଜିଲାର ୨୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ମଣ୍ଡି ସ୍ଥାପନ ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ସେ କହିଛନ୍ତି।

# କଳାପାଟ-ବଡ଼ମୂଳ ରାସ୍ତା କାମ ଅଧାପନ୍ତରିଆ



ଫାଟିଯାଇଥିବା କଲଭର୍ଟ ଓ ରାସ୍ତା।

- ଗ୍ରାମ୍ୟ ଉନ୍ନୟନ ବିଭାଗର ଉଦାସୀନତା
- ନିମ୍ନମାନର କାମ ହେଉଥିବା ଅଭିଯୋଗ
- ୨ ମାସ ନ ପୂରୁଣୁ ଭାଙ୍ଗିଲା କଲଭର୍ଟ

**ଗଣିଆ,୨୮।୩(ସନ୍ତୋଷ କୁମାର ପ୍ରଧାନ)**

ନୟାଗଡ଼ ଜିଲା ଗଣିଆ-କୁଟୁରୀ ପୂର୍ତ୍ତ ବିଭାଗ ରାସ୍ତାକୁ ଅକ୍ତିଆର କରିଛି ଗ୍ରାମ୍ୟ ଉନ୍ନୟନ ବିଭାଗ। ଏହି ରାସ୍ତାର ଗଣିଆଠାରୁ ବଡ଼ମୂଳ ପର୍ଯ୍ୟନ୍ତ ନବୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ (ଆରଡି) ହାତକୁ ନେଇଛି। ଗତ ୫ବର୍ଷ ତଳେ ପ୍ରଥମ ପର୍ଯ୍ୟାୟରେ ଗଣିଆ ବଜାରଠାରୁ କଳାପାଟ ଠାକୁରାଣୀ ପୀଠ ପର୍ଯ୍ୟନ୍ତ ୧୦ କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଉକ୍ତ ରାସ୍ତାର ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୨ରେ କଳାପାଟ ଠାକୁରାଣୀ ପୀଠଠାରୁ ବଡ଼ମୂଳ ୧୪ କି.ମି. ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୫କୋଟି ୨୫ଲକ୍ଷ ୨୧ହଜାର ଟଙ୍କା ମଞ୍ଜୁର ହୋଇଥିଲା। ୧୪ କି.ମି. ରାସ୍ତା ମଧ୍ୟରୁ ୩.୫୦୦କି.ମି. କଂକ୍ରିଟ ଓ ୧୦.୫୦୦ କି.ମି. ପିଚୁ ରାସ୍ତା ପାଇଁ ଅଟକଳ ରହିଛି। ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୨ ଫେବୃଆରୀ ୨୩ରୁ ଆରମ୍ଭ ହୋଇ ୨୦୨୩ ମାର୍ଚ୍ଚ ୨୨ରେ ଶେଷ ହେବାର ଅବଧି ରହିଥିଲା। ତେବେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ସାଙ୍ଗକୁ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ କେତେବେଳେ କାର୍ଯ୍ୟ ହେଉଛି ତ ଆଉ କେତେବେଳେ କାର୍ଯ୍ୟ ବନ୍ଦ ରହୁଛି। ଏହି ରାସ୍ତାରେ ବିଛାଡି ହୋଇ ପଡିଥିବା ମେଣ୍ଟାଲ ଉପରେ ଡଷ୍ଟ ପକାଇ ରଖାଯାଇଛି। ନିର୍ମାଣ ହୋଇଥିବା କଲଭର୍ଟଗୁଡ଼ିକ ନିମ୍ନମାନର କାର୍ଯ୍ୟ ଯୋଗୁ ଅନେକ ସ୍ଥାନରେ ଏହା ଭାଙ୍ଗିରୁଜି ଯାଇଥିବା ଦେଖିବାକୁ ମିଳିଛି। ଠିକାଦାର ରାସ୍ତାର ଅନେକ ସ୍ଥାନରେ ଖୋଳି ଅଧାପନ୍ତରିଆ ଭାବେ ପକାଇ ଦେଇଥିବାରୁ ଲୋକମାନେ ଯାତାୟାତରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକମାନେ କାର୍ଯ୍ୟ ଶେଷ ପାଇଁ ଠିକାଦାର ଓ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ବି କର୍ଣ୍ଣପାତ କରୁନାହାନ୍ତି।

ଏହି ରାସ୍ତାରେ ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନିକ ଉଚ୍ଚ ପଦାଧିକାରୀମାନେ ଯାତାୟତ କରୁଥିଲେ ମଧ୍ୟ କାହାର ଦୃଷ୍ଟି ପଡୁନାହିଁ। ଉକ୍ତ ରାସ୍ତା ଦେଇ ପ୍ରତ୍ୟହ ବିଭିନ୍ନ ପ୍ରକାର ଭାରିଯାନ ଚଳାଚଳ ଦ୍ୱାରା ରାସ୍ତାର ଏକାଧିକ ସ୍ଥାନରେ ବଡ ବଡ ଖାଲ ସୃଷ୍ଟି ହୋଇଛି। ଫଳରେ ଅସରାଏ ବର୍ଷା ହେଲେ ରାସ୍ତାରେ ଯାତାୟତ କରିବା କଷ୍ଟକର ହୋଇପଡୁଛି। ତେବେ ପୂର୍ତ୍ତ ବିଭାଗଠାରୁ ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଯିବା ପରେ ଭଲ ରାସ୍ତା କାମ ହେବ ବୋଲି ସ୍ଥାନୀୟ ଲୋକେ ଆଶା କରିଥିଲେ। ହେଲେ ନିମ୍ନମାନର କାର୍ଯ୍ୟ ହେଉଛି। ପୁଣି ସେଥିରେ ବିଳମ୍ବ କରାଯାଉଥିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ବୃଓଙ୍ଗ ସେତୁର ପଶ୍ଚିମ ପାର୍ଶ୍ୱ ରାସ୍ତା ପାର୍ଶ୍ୱ ଧୋଇ ରାସ୍ତା ଖାଇ ଯାଇଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏହାର ମରାମତି ପାଇଁ ଦୃଷ୍ଟି ଦେଉନାହାନ୍ତି। ଫଳରେ ଲଗାଣ ବର୍ଷା ହେଲେ ରାସ୍ତା ଧୋଇ ଯାତାୟତରେ ବାଧା ସୃଷ୍ଟି ହେଉଛି। ଏଥିଯୋଗୁ ବଡ଼ ଧରଣର ଦୁର୍ଘଟଣାର ଆଶଙ୍କା ଦେଖାଦେଉଛି।

ପ୍ରକାଶଯୋଗ୍ୟ, ଗଣିଆ ସାଉଥ ବଡ଼ମୂଳ ମଙ୍ଗାନାସୀଠାରେ ପ୍ରାକୃତିକ ପର୍ଯ୍ୟଟନ କେନ୍ଦ୍ର ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ରହିଛି। ବର୍ଷସାରା ଏଠାକୁ ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଆସିଥାଆନ୍ତି। ରାସ୍ତାର ଏଭଳି ଦୂରବସ୍ଥା ଦେଖି ପର୍ଯ୍ୟଟକମାନେ ଏଠାକୁ ପୁଣିଥରେ ଆସିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏ ସମ୍ପର୍କରେ ଗଣିଆ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ସାହୁଙ୍କୁ ପଚାରିବାରୁ ଏହି ରାସ୍ତାର ତଥ୍ୟ ମୋ ପାଖରେ ନାହିଁ , କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରନ୍ତୁ ବୋଲି କହି ଏହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ। ତେବେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଗଣିଆରେ ଦେଖା ମିଳୁ ନ ଥିବା ବେଳେ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ କାର୍ଯ୍ୟର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ଦୃଷ୍ଟି ଦେବା ସହିତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଜନଆନ୍ଦୋଳନ କରାଯିବ ବୋଲି ସୂଚନା ମିଳିଛି।

# ଅରୁଣ, ଅରୂପଙ୍କ ଶକ୍ତି ପ୍ରଦର୍ଶନ



ଅରୂପ ଓ ଅରୁଣଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିବା କର୍ମୀମାନେ।

- ଶହେରେ ଶହେ ଖେଳ ହେବ କହିଲେ ଇରାନୀ
- ୪ ଶହ ଭାଜପା କର୍ମୀ ବିଜେଡିରେ ଯୋଗଦେଲେ

**ନୟାଗଡ଼,୨୮।୩ (ଲୋକନାଥ ମିଶ୍ର)**

ନୟାଗଡ଼ ବିଜୁ ଜନତା ଦଳ(ବିଜେଡି) କାର୍ଯ୍ୟାଳୟଠାରେ ବୁଧବାର ବିଜେଡିର କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ପୁରୀ ଏମ୍ପି ପ୍ରାର୍ଥୀ ଅରୂପ ପଟ୍ଟନାୟକ, ନୟାଗଡ଼ ବିଧାୟକ ପ୍ରାର୍ଥୀ ଅରୁଣ କୁମାର ସାହୁ ଯୋଗ ଦେଇ ଡବଲ ଶଙ୍ଖ ପାଇଁ ଆହ୍ୱାନ ଦେଇଥିଲେ। ରାଜନୀତି ସହ ସେବା ମୋ ଜୀବନର ଲକ୍ଷ୍ୟ ବୋଲି ଅରୂପ ପଟ୍ଟନାୟକ କହିଥିଲେ। କରେନା ମହାମାରୀ ସମୟରୁ ଓଡ଼ିଶା ମୋ ପରିବାର ସେବା ପାଇଁ ବଳିଷ୍ଠ ଉଦ୍ୟମ ପାଲଟିଥିବା କହିଥିଲେ। ମାଟି ମା'ର ସେବା କରିବାକୁ ମୁଖ୍ୟମନ୍ତ୍ରୀ ସୁଯୋଗ ଦେଇଛନ୍ତି। ବିଜୁ ଜନତା ଦଳ ଖରା, ବର୍ଷା, ଶୀତ କାକରରେ ଲଢେଇ କରିବାର ସାମର୍ଥ ରଖିଛି ବୋଲି ନୟାଗଡ଼ ବିଧାୟକ ସାହୁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆର୍ଶୀବାଦ ନୟାଗଡ଼ ପ୍ରତି ରହିଛି। ସବୁବେଳେ ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ବିଜୁ ଜନତା ଦଳର ସ୍ୱାଭିମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଦଳ କଥା ପଡ଼ିଲେ ଆମ କର୍ମୀ ସବୁ ମାନ ଅଭିମାନକୁ ଭୁଲି ଆଗକୁ ଚାଲି ଆସନ୍ତି। ନୟାଗଡ଼ ମାଟି ମୋ ପାଇଁ ଜୀବନ ମାଟି ବୋଲି କହିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ପଦକ୍ଷେପ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରି ମୁଖ୍ୟମନ୍ତ୍ରୀ ସାଢ଼େ ୪ କୋଟି ଓଡ଼ିଆଙ୍କ ହୃଦୟରେ ଅଛନ୍ତି। ସେହିପରି କ୍ରୀଡ଼ା ଭିତ୍ତିଭୂମି ଉନ୍ନତି ମୁଖ୍ୟମନ୍ତ୍ରୀ ଭିନ୍ନ ପରିକଳ୍ପନା ବୋଲି କହିଥିଲେ। ବିରୋଧୀ ଅଣୁବିକ୍ଷଣ ଯନ୍ତ୍ରରେ ଦେଖାଯିବେ ନାହିଁ ବୋଲି ବିଧାୟକ କହିଥିଲେ। ଏଥିରେ ନିକଟରେ ବିଜେଡିର ଯୋଗ ଦେଇଥିବା ଇରାନୀ ରାୟ ଯୋଗ ଦେଇ କର୍ମୀଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ ଶହେରେ ଶହେ ଖେଳ ହେବ। ବିଜେଡିର ଏମ୍ପି ଓ ବିଧାୟକ ପ୍ରାର୍ଥୀ ୫୦ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହେବେ। କର୍ମୀ ଇରାନୀଙ୍କ କଥାରେ ମସଗୁଲ ହୋଇ ଯାଇଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଜିଲା ପରିଷଦ ସଦସ୍ୟ ବିରଜା ଲକ୍ଷ୍ମୀ ସାହୁ, ବ୍ଲକ ବିଜେଡି ସଭାପତି ଅଜିତ ପ୍ରସାଦ ସାହୁ, ମହିଳା ନେତ୍ରୀ ମାଳତୀ ଗୁରୁ ଓ ପ୍ରଭାସିନୀ ନନ୍ଦ, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀପ୍ରସାଦ ପଞ୍ଚାୟତ, ନୟାଗଡ଼ ପୌର ପରିଷଦର ୪ ଶହ ଭାଜପା କର୍ମୀ ବିଜେଡିରେ ଯୋଗ ଦେଇଥିଲେ।

# ପ୍ରବଚନ ମହାଯଜ୍ଞ ଉଦ୍‌ଯାପିତ

**ଖଣ୍ଡପଡ଼ା,୨୮।୩ (ଅଜୟ କୁମାର ମହାରଣା)**

ଖଣ୍ଡପଡା ହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ଥାନୀୟ ପଶ୍ଚିମ ମୁଖା ମହାବୀର ପୀଠ(ମୁକ୍ତିତୀର୍ଥ)ରେ ଅନୁଷ୍ଠିତ ହେଉଥିବା ୩୯ତମ ବାର୍ଷିକ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଗତ ୨୫ ତାରିଖ ପୂର୍ଣ୍ଣମୀ ତିଥିରେ ସଂପନ୍ନ ହୋଇଯାଇଛି। ଅନ୍ତିମ ଦିବସ ସୋମବାର ସନ୍ଧ୍ୟାରେ କାକ ଭୁଷଣ୍ଡୀ ଚରିତ ଓ ରାମାଭିଷେକ ପ୍ରବଚନ ପ୍ରସଙ୍ଗ ଉପରେ ପ୍ରବକ୍ତା ପ୍ରଦୀପ କୁମାର ବାହିନିପତିଙ୍କ ଦ୍ୱାରା ପ୍ରବଚନ ପ୍ରଦାନ କରାଯାଇଥିଲା। ଏହି ଆଧାତ୍ମିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲେ। କାର୍ଯ୍ୟକ୍ରମକୁ ହନୁମାନ ମନ୍ଦିର ପରିଚାଳନା କମିଟିର ସଭାପତି କାଶୀନାଥ ଦାସ, ସମ୍ପାଦକ ବିଜୟ କୁମାର ରାଉତଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିବା ବେଳେ ପ୍ରବଚନ କାର୍ଯ୍ୟକ୍ରମରେ ଆଖପାଖର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।



@ ଦିଲୀପ


@ ସଞ୍ଜୟ


@ ସତ୍ୟନାରାୟଣ


@ ଶ୍ରୀଦତ୍ତ


@ ସୁରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପରିବେଶ ସୁରକ୍ଷା ସଚେତନତା କର୍ମଶାଳା

**ନୟାଗଡ଼,୨୮।୩ (ଲୋକନାଥ ମିଶ୍ର)**

ଛାତ୍ରଛାତ୍ରୀଙ୍କୁ ସନ୍ତୁଳିତ ପରିବେଶ ତଥା ସବୁଜ ପୃଥିବୀ ଗଠନ ପାଇଁ ପ୍ରେରିତ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ମାନଙ୍କରେ ଜାତୀୟ ଯୁବ ବାହିନୀ ତଥା ଇକୋ କ୍ଲବ କାର୍ଯ୍ୟ କରୁଛି। ସିନ୍ଦୁରିଆ ଉଚ୍ଚ ବିଦ୍ୟାଳୟରେ ପ୍ରତିଷ୍ଠିତ ଇକୋ କ୍ଲବ ଅଧୀନରେ ମଙ୍ଗଳବାର ଇକୋ କ୍ଲବର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୋ ସ୍କୁଲ କମିଟିର ସଭାପତି ଭଗବାନ ଜେନା , ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ସାହୁ ଓ ପୂର୍ବତନ ସଭାପତି ସନ୍ତୋଷ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସବୁଜ ପୃଥିବୀ ସହିତ ସନ୍ତୁଳିତ ପରିବେଶ ଉପରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବନାଞ୍ଚଳ ଅଧିକାରୀ କ୍ଷମା ଷଡ଼ଙ୍ଗୀ ଯୋଗଦେଇ ପିଲାଙ୍କୁ ଜଙ୍ଗଲ ସୁରକ୍ଷା ଓ ସୁସ୍ଥ ପରିବେଶ ଗଠନ ଉପରେ ଅନେକ ଉପାଦେୟ ବାର୍ତ୍ତା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ନିମାଇଁ ଚରଣ ପ୍ରଧାନ, ଓଡ଼ଗାଁ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ମହମ୍ମଦ ଉମର୍ ମଲ୍ଲିକ, ମୋ ସ୍କୁଲ ସଭାପତି ଭଗବାନ ଜେନା, ସାମାଜିକ କର୍ମୀ ତଥା ବିଦ୍ୟାଳୟର ପୂର୍ବତନ ଛାତ୍ର ପ୍ରବୋଧ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟା, ସଦସ୍ୟଙ୍କ ସମେତ ଶତାଧିକ ଅଭିଭାବକ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଉଭୟ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝୁମୁରୀ ସାହୁ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଇକୋ କ୍ଲବ ଦାୟିତ୍ୱରେ ଥିବା ସହକାରୀ ଶିକ୍ଷକ ସଲିମ ଇବ୍ରାହିମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଭୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ବରିଷ୍ଠ ସହକାରୀ ଶିକ୍ଷକ ଶେଖ ଅବଦୁଲ ଖାଲିକ ସଂଯୋଜନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମିତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସହକାରୀ ଶିକ୍ଷୟିତ୍ରୀ ନିଶାମଣି ମିଶ୍ର ଓ ଲକ୍ଷ୍ମୀପ୍ରିୟା ନାୟକ ଶ୍ଳୋକ ପାଠ କରିଥିଲେ।



ପରିବେଶ ସୁରକ୍ଷା କର୍ମଶାଳାରେ ଯୋଗଦେଇଥିବା ଅତିଥି।

# ଖଣ୍ଡପଡ଼ା-ନୟାଗଡ଼ ମୁଖ୍ୟ ରାସ୍ତାରୁ ଉଠିଯାଉଛି ପିଚୁ

**ଖଣ୍ଡପଡ଼ା,୨୮।୩ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ାରୁ ନୟାଗଡ଼କୁ ସଂଯୋଗ କରୁଥିବା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ନବୀକରଣ କାର୍ଯ୍ୟ ଗତ ୬ ମାସ ତଳେ ସଂପନ୍ନ ହୋଇଥିବା ବେଳେ ଖୁବ କମ୍ ଦିନ ମଧ୍ୟରେ ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଉଛି। ଫଳରେ ଉକ୍ତ ରାସ୍ତା କାର୍ଯ୍ୟର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ହେଉଛି। ଉକ୍ତ ରାସ୍ତା ଦେଇ ଦୈନିକ ଶତାଧିକ ଭାରି ଯାନ, ହାଇୱା ସହ ବିଭିନ୍ନ ଯାନବାହନ ଚଳାଚଳ କରୁଛି। ରାସ୍ତାର ପିଚୁ ଉଠି ଯାଉଥିବା ସ୍ଥାନ ଗୁଡିକ ସମୟାନୁକ୍ରମେ ଦୁର୍ବଳ ହେବାରେ ଲାଗିଛି। ଏଥିପ୍ରତି ନୟାଗଡ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ଖଣ୍ଡପଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି।



# ଚାଉପଲ୍ଲୀ ମଦନମୋହନଙ୍କ ବାର୍ଷିକ ମହୋତ୍ସବ

**ଖଣ୍ଡପଡ଼ା,୨୮।୩(ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ପଞ୍ଚାୟତ ଚାଉପଲ୍ଲୀ ଗ୍ରାମର ଆରାଧ୍ୟ ଠାକୁର ମଦନ ମୋହନ ଓ ରାଧାରାଣୀ ଠାକୁରାଣୀଙ୍କ ଗତ ୨୨ ତାରିଖ ଠାରୁ ଆରମ୍ଭ ହୋଇଥିବା ୩ୟ ବାର୍ଷିକ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏ ଅବସରରେ ବୁଧବାର ମଙ୍ଗଳ ନଗର କୀର୍ତ୍ତନ ସହ ସାମୁହିକ ହୋଲି ଖେଳର ଆୟୋଜନ କରାଯାଇଥିଲା। ପରେ ପରେ ସାମାଜିକ ନାଟକ 'ରାମ ଦେବେ ଅଗ୍ନି ପରୀକ୍ଷା' ପରିବେଷଣ କରାଯଇଥିଲା।

# ମନୋରଞ୍ଜନ ସହ ସକାରାତ୍ମକ ସମାଜ ଗଠନ କରେ ନାଟକ

**ନୟାଗଡ଼,୨୮।୩(ଲୋକନାଥ ମିଶ୍ର)**

ନୟାଗଡ଼ର ପ୍ରମୁଖ ନାଟ୍ୟ ଅନୁଷ୍ଠାନ ମଞ୍ଚାୟନ ତରଫରୁ ସ୍ଥାନୀୟ ନିଉ ଜନତା କମ୍ପ୍ଲେକ୍ସ ପରିସରରେ ବୁଧବାର ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ନାଟକ କେବଳ ମନୋରଞ୍ଜନ ପାଇଁ ନୁହେଁ ସକାରାତ୍ମକ ସମାଜ ଗଠନରେ ସହଯୋଗ କରୁଛି ବୋଲି କହିଥିଲେ। ମଞ୍ଚାୟନର ଉପ ସଭାପତି ସୁରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ନାଟ୍ୟ ଦିବସ ସମାରୋହରେ ବାରିଷ୍ଠ ଖବରଦାତା ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ମୁଖ୍ୟବକ୍ତା ଏବଂ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଭଗବତୀ ଚରଣ ପଟ୍ଟନାୟକ, ଓଡ଼ିଶାର ଖ୍ୟାତନାମା ଅଭିନେତା ଓ ନିର୍ଦ୍ଦେଶକ ପବିତ୍ର କୁମାର ମହାନ୍ତି, ନାଟ୍ୟକାର ବସିରନ ବିବି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ନିଳୀମା ନନ୍ଦ ଓ ଗୋପୀନାଥ ସେଠୀଙ୍କ ସଂଯୋଜନାରେ ପ୍ରଥମେ ଯୁବ କଳାକାରମାନଙ୍କ ଦ୍ୱାରା ଏକକ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଗୋଦାବରୀଶ ମିଶ୍ର, ଦେବେନ୍ଦ୍ର ପରମ ଗୁରୁ, ସୌଦାମିନୀ ସ୍ୱାଇଁ ଯୋଗଦେଇଥିଲେ। ପ୍ରତିଯୋଗିତାରେ ବିଦ୍ୟା ବିଜିତା ମହାନ୍ତି , ଅନନ୍ୟା ଅଭିଲିପ୍ସା , ଶୁଭାଶିଷ ଦାଶ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବା ସହ ପୁରସ୍କୃତ ହୋଇଥିଲେ। ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀର ସାଧାରଣ ପରିଷଦ ସଦସ୍ୟ ଭାବେ ମନୋନୀତ ହୋଇଥିବା ଖ୍ୟାତନାମା କଣ୍ଠଶିଳ୍ପୀ ସୁରଗନ୍ଧର୍ବ ନବକିଶୋର ମିଶ୍ର ଏବଂ ବିଶିଷ୍ଟ ନାଟକ ନିର୍ଦ୍ଦେଶକ ପରମାନନ୍ଦ ପ୍ରଧାନଙ୍କୁ ଉପଢୌକନ, ମାନପତ୍ର ସହ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଇଣ୍ଡିଆନ ଡ୍ୟାନ୍ସ ଏକାଡେମୀର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବା ବେଳେ ଦୂରଦର୍ଶନ କଳାକାର ବିଶ୍ୱନାଥ ପ୍ରଧାନଙ୍କ ସୁଲଳିତ ସ୍ୱରରେ ଉତ୍କଳ ଘଣ୍ଟ କବି ଯଦୁମଣିଙ୍କ ଛାନ୍ଦ ତଥା ଚଉପଦୀ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ପ୍ରଶାନ୍ତ ସାମନ୍ତରାୟ, ରଶ୍ମି ରଞ୍ଜନ ଜେନା, ସଂଘମିତ୍ରା ସ୍ୱାଇଁ , ଜ୍ୟୋତ୍ସ୍ନାମୟୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ଓ ସହ ସମ୍ପାଦକ ଜ୍ଞାନ ପ୍ରକାଶ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶ୍ରାବରୀ ପରମଗୁରୁ, ନିଳୀମା ନନ୍ଦ,ନିଧିବାବନ ଜେନା ଓ ଦେବେନ୍ଦ୍ର ପରମଗୁରୁ କ୍ଷୁଦ୍ର ନାଟକ ନିଃଶବ୍ଦ ଅଭିମାନ ପ୍ରଦର୍ଶନ କରିଥିଲେ।



ନାଟକର ଏକ ଦୃଶ୍ୟ।

